# ନାବାଳିକା ଅପହରଣ, ବିବାହ ନେଇ ଅଭିଯୋଗ

**କଲମପୁର, ୨୧।୧(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ପରିସରରେ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ନାବାଳିକା ଅପହରଣ, ନାବାଳିକା ମାତୃତ୍ୱ, ନାବାଳିକା ବିବାହ ଭଳି ସାଙ୍ଘାତିକ ଅଭିଯୋଗ ଆସିଥିଲା । ଜଣେ ବ୍ୟକ୍ତି ଜିଲ୍ଲାପାଳଙ୍କଠାରେ ଫେରାଦ ହେବାକୁ ଆସିଥିଲେ । ତାଙ୍କ ଅଭିଯୋଗ ଥିଲା ଯେ, ତାଙ୍କ ନାବାଳିକା ଝିଅ ସମ୍ପର୍କୀୟ ଦ୍ୱାରା ଯୌନ ଶୋଷଣର ଶିକାର ହୋଇ ଅନ୍ତସତ୍ତ୍ୱା ହୋଇଥିଲା । ମାମଲା ହେଲା । ଅଭିଯୁକ୍ତ ଜେଲ ଗଲା । ଝିଅକୁ ସ୍ୱଧାର କେନ୍ଦ୍ର ନିଆଗଲା । ସେଠାରେ ଝିଅ ଏକ ସନ୍ତାନକୁ ଜନ୍ମ ଦେଇ ଆର ପାରିକୁ ଚାଲିଗଲା । ବର୍ତ୍ତମାନ ସେ ସନ୍ତାନକୁ ଦେଢବର୍ଷ । ସେ ବହୁ କଷ୍ଟରେ ସନ୍ତାନଟଇର ପ୍ରତିପୋଷଣ କରି ଆସୁଛନ୍ତି । ସେହିଭଳି ଆଉ ଜଣେ ନାବାଳିକା ମଧ ଏଭଳି ଶିକାର ହୋଇଛନ୍ତି । ଏକ ସନ୍ତାନକୁ ଜନ୍ମ ଦେଇ ବାପା ଘରେ ପଡ଼ି ରହିଛି । ଅଭିଯୁକ୍ତ ମଧ୍ୟ ଜେଲରେ ରହିଛି । ଆଉ ଜଣେ ବ୍ୟକ୍ତି ମଧ ଆସିଥିଲେ । ତାଙ୍କ ଅଭିଯୋଗ ହେଲା ତାଙ୍କ ୧୩ ବର୍ଷର ଝିଅକୁ ଜଣେ ବ୍ୟକ୍ତି ଅପହରଣ କରି ନେଇ ଛି । ତାଙ୍କୁ ଉଦ୍ଧାର କରିବା ପାଇଁ ଗତ ଶନିବାରଠାରୁ ପୁଲିସ ପାଖକୁ ସେ ଦୌଡୁଛନ୍ତି । ହେଲେ କିଛି ସୁଫଳ ମିଳି ପାରୁନାହିଁ ।

# ଅମାନିଆ ମାନୁନାହାନ୍ତି ଟ୍ରାଫିକ୍ ସଂକେତ

**କେସିଙ୍ଗା, ୨୧।୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ଟ୍ରାଫିକ ସମସ୍ୟା ଗୋଟିଏ ପୁରୁଣା ସମସ୍ୟା । ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ନିତିଦିନିଆ କଥା । ଦୁର୍ଘଟଣାକୁ ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସହରର ଅନେକ ସ୍ଥାନରେ ଦୁଇ ତିନି ମାସ ତଳେ ବ୍ୟାରିକେଟ ଲଗାଯାଇ ଦୁର୍ଘଟଣା ରୋକିବା ପାଇଁ ଛୋଟ ଚେଷ୍ଟା କରାଯାଇଥିଲା; କିନ୍ତୁ ବର୍ତ୍ତମାନ ସହରର ଜଗନ୍ନାଥ ମନ୍ଦିର ଛକରେ କେସିଙ୍ଗା ଏନ୍ଏସି ପକ୍ଷରୁ ପ୍ରାୟ ୧୭ ଲକ୍ଷ ଟଙ୍କା ଖର୍ଚ୍ଚ କରି ସିଗନାଲ ଲାଇଟ ବ୍ୟବସ୍ଥା କରାଯାଇଛି । ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ଜଣେ ହୋମଗାର୍ଡ଼ଙ୍କୁ ସେହି ସ୍ଥାନରେ ଡ୍ୟୁଟି ଦିଆଯାଇଛି । ଲୋକେ କିନ୍ତୁ ଗ୍ରୀନ ସିଗନାଲ ନ ଆସୁଣୁ ରାସ୍ତା ପାର ହୋଇ ପଳାଉଛନ୍ତି ।

# ମୋବାଇଲ୍ ନେଟ୍ୱର୍କ ପାଇଁ ବ୍ୟବସାୟ ପ୍ରଭାବିତ

ଭବାନୀପାଟଣା, ୨୧।୧(ସମିସ): କଳାହାଣ୍ଡି ଉତ୍ସବ 'ଘୁମୁରା-୨୦୨୫' ଧୁମ୍‌ଧାମ୍‌ରେ ପାଳିତ ହୋଇଛି । ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରଦର୍ଶନୀ ଦେଖିବାକୁ ପ୍ରତିଦିନ କଳାପ୍ରେମୀ ଓ ଦର୍ଶକଙ୍କ ଭିଡ ହୋଇଥିଲା । ତେବେ ଉତ୍ସବ ପଡ଼ିଆରେ ନେଟୱାର୍କ ଜାମ୍ କାରଣରୁ ଅନେକ ସମସ୍ୟା ହୋଇଥିଲା । ଏହାଦ୍ୱାରା ଏଥର ବିଶେଷ କରି ବ୍ୟବସାୟ ପ୍ରଭାବିତ ହୋଇଛି । ଫୋନ୍ ପେ, ଗୁଗୁଲ ପେ ଦ୍ୱାରା କିଣାବିକା ହୋଇ ପାରି ନ ଥିଲା । ଏଣୁ ବ୍ୟସାୟୀ ହତାଶ ହୋଇଥିଲେ । ଏଣୁ ଚଳିତ ବର୍ଷ ୨୦ ପ୍ରତିଶତ ବେପାର କମ୍ ହୋଇଛି ବୋଲି ବିଭିନ୍ନ ଷ୍ଟଲ ଖୋଲିଥିବା ବ୍ୟବସାୟୀଙ୍କ ସୂତ୍ରରୁ ଜଣା ପଡ଼ିଛି । ଓର୍‌ମାସ୍ ତରଫରୁ ଖୋଲାଯାଇଥିବା ୧୦୬ଟି ଷ୍ଟଲରେ ଚଳିତ ବର୍ଷ ୧ କୋଟି ୪୩ ଲକ୍ଷ ଟଙ୍କାର ବେପାର ହୋଇଛି । ନେଟୱାର୍କ ଠିକ୍‌ରେ ଉପଲବ୍ଧ ହୋଇଥିଲେ ଅନ୍‌ଲାଇନ୍ ପେମେଣ୍ଟ ଦ୍ୱାରା ବେପାର ବୃଦ୍ଧି ପାଇଥାନ୍ତା । ଅନ୍ୟପକ୍ଷେ ଗଣମାଧ୍ୟମ ପ୍ରତିନିଧି ମଧ ଘୋର ହଟହଟା ପରିସ୍ଥିତିକୁ ସାମ୍ନା କରିଥିଲେ । ଖବର ସଂଗ୍ରହ ଓ ପ୍ରେରଣ ଲାଗି ସାମ୍ବାଦିକମାନଙ୍କୁ ମଝିରେ ମଝିରେ ପଡ଼ିଆ ବାହାରକୁ ଆସି ନିଜ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପଡୁଥିଲା ।

## ନୂଆପଡ଼ା ପଞ୍ଚାୟତ ସମିତି ବୈଠକ

# ଯୋଜନାର କାର୍ଯ୍ୟାନ୍ୱୟନ ନେଇ ଆଲୋଚନା



**ନୂଆପଡ଼ା,୨୧।୧(ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ରାଜୀବ ସେବା କେନ୍ଦ୍ରରେ ନୂଆପଡ଼ା ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନୂଆପଡ଼ା ବିଡିଓ ରୋହିତ ଭୋଇ, କଳାହାଣ୍ଡି ଏମପି ପ୍ରତିନିଧି ପ୍ରେମ ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟ ଭାନୁପ୍ରତାପ ସିଂ ମାଝୀ, ଭରତ ରାଉତ, ଉମା ଠାକୁର, ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଳକର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ସାହୁ ବ୍ଲକର ବିଭିନ୍ନ ସମସ୍ୟା ଗୋଟି ଗୋଟି କରି ଉପସ୍ଥାପନା କରିଥିବା ବେଳେ ବିଗତ ବୈଠକରେ ପ୍ରସ୍ତାବିତ ଯୋଜନା କେତେଦୂର କାର୍ଯ୍ୟାନ୍ୱୟନ ହୋଇଛି ତାହା ଦର୍ଶାଇଥିଲେ । ଏହିଭଳି ସଭ୍ୟମାନେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ଅଞ୍ଚଳର ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିରେ ବିଶେଷ କରି ଶିକ୍ଷା, ଖାଉଟି ବିଭାଗ, ବିଦ୍ୟୁତ୍, ସ୍ୱାସ୍ଥ୍ୟ ବିଭାଗ, ପଶୁ ସମ୍ପଦ ବିଭାଗ,କୃଷି ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗ, ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ, ଗ୍ରାମ୍ୟ ଗୃହ ଯୋଜନା, ଅନୁସୂଚିତ ଜନଜାତି/ ଜାତି, ମଙ୍ଗଳ ଶାଖା, ପାନୀୟ ଜଳ ଯୋଗାଣ ଓ ପରିମଳ, ମହିଳା ଓ ଶିଶୁ ବିକାଶ ସମନ୍ୱିତ ଯୋଜନା, ମତ୍ସ୍ୟ ସମ୍ପଦ ବିଭାଗ, ଶ୍ରମ ବିଭାଗ, ଉଦ୍ୟାନ କୃଷି ବିଭାଗ ଉପରେ ଆଲୋଚନା କରାଯିବା ସହ ନୂତନ ପ୍ରକଳ୍ପ ସବୁ ହାତକୁ ନେବାକୁ ପ୍ରସ୍ତାବ ଆଗତ ହୋଇଥିଲା । ବୈଠକରେ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା, ସମସ୍ତ ବିଭାଗୀୟ କର୍ମଚାରୀ ଯୋଗ ଦେଇଥିଲେ ।

# ପୁସ୍ତକ 'ଆମ କମ୍ପ୍ୟୁଟର'ଲୋକାର୍ପିତ



କେସିଙ୍ଗା, ୨୧।୧(ସମିସ):କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ପୂର୍ବତନ ଗୋଷ୍ଠି ଉନ୍ନୟନ ଅଧିକାରୀ ପଦ୍ମନାଭ ପୁରୋହିତଙ୍କ ଲିଖିତ ପୁସ୍ତକ 'ଆମ କମ୍ପ୍ୟୁଟର'ର ଦ୍ୱିତୀୟ ସଂସ୍କରଣ ଭୁବନେଶ୍ୱର ଠାରେ ପୂର୍ବତନ ବିରୋଧୀଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କ କରକମଳରେ ଲୋକାର୍ପିତ ହୋଇଯାଇଛି। ପଦ୍ମନାଭ ପୁରୋହିତଙ୍କ ଦ୍ୱାରା ଲିଖିତ 'ଆମ କମ୍ପ୍ୟୁଟର' ପୁସ୍ତକ ଆକାଶବାଣୀ ବଲାଙ୍ଗୀରର ଲୋକପ୍ରିୟ ବୈଜ୍ଞାନିକ କାର୍ଯ୍ୟକ୍ରମରେ ଦେଖାଯାଇଥିବା ବାର୍ତ୍ତା ଗୁଡ଼ିକର ଏକ ସଂଗ୍ରହ ।ଏହାର ପ୍ରଥମ ସଂସ୍କରଣ ୨୦୧୨ ମସିହାରେ ମୁକ୍ତିଲାଭ କରିଥିଲା ।କିପରି ସରଳ ଓ ପ୍ରାଞ୍ଜଳ ଭାବରେ କମ୍ପ୍ୟୁଟର ଶିଖି ହେବ ସେହି ବିଷୟରେ ଉକ୍ତ ପୁସ୍ତକରେ ବର୍ଣ୍ଣନା ରହିଛି ବୋଲି ପୂର୍ବତନ ବିଡ଼ିଓ ପ୍ରକାଶ କରିଛନ୍ତି। ଏତତ୍ ବ୍ୟତୀତ ଇଂରାଜୀ ଓ ଓଡ଼ିଆ ପତ୍ର ପତ୍ରିକାରେ ମଧ କମ୍ପ୍ୟୁଟର ବିଜ୍ଞାନ ସମ୍ବନ୍ଧୀୟ ବିଷୟ ଗୁଡ଼ିକ ବିଷୟ ସ୍ଥାନ ପାଇଛି । ଏହି ପୁସ୍ତକ ଜିଲ୍ଲାସ୍ତରୀୟ ଚୟନ କମିଟି ଦ୍ୱାରା ମନୋନୀତ ହୋଇ ସମସ୍ତ ବିଦ୍ୟାଳୟର ଗ୍ରନ୍ଥାଗାରରେ ସ୍ଥାନ ପାଇଛି ।

# ଲୋକନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ମ. ରାମପୁର, ୨୧।୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଗୋଛାଡେଙ୍ଗେନ ଲୋକନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ରିଷିଡାସ୍ଥିତ ଜଗନ୍ନାଥ କୌଶଲ୍ୟା ମହାବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ ଚୌଧୁରୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଖଗେଶ୍ୱର ରଣା, ଘନଶ୍ୟାମ ବଗର୍ତ୍ତି, ପିତାମ୍ବର ନାଗ, କ୍ଷିତିପତି ପଧାନ, ବ୍ଲକ ଉପାଧ୍ୟକ୍ଷ ଶମ୍ଭୁଭୂଷଣ ପଧାନ, ଭବାନୀପାଟଣା ଏବିସିଏସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଭିମନ୍ୟୁ ସାହୁ ଓ ମୁଖ୍ୟବକ୍ତା ଭାବେ ଗୌରଗୋଠ ଶୁଳିଆ ବୁଢା ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଯ୍ୟୋଧନ ରଣା ପ୍ରମୁଖ ଯୋଗ ଦେଇଥିଲେ। ସୁଧୀର ମେମୋରିଆଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ତଥା ବିଶିଷ୍ଟ ଶିକ୍ଷାବିତ୍ ଗୁରୁଜୀ ଲୋକନାଥ ପଧାନଙ୍କ ସ୍ମୃତିରେ ସ୍ଥାପିତ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ସହକାରୀ ନିର୍ବାହୀଯନ୍ତ୍ରୀ ସର୍ବେଶ୍ୱର ପଧାନ ସଭାପତିତ୍ୱ କରିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ତଥା ଗୋଛାଡେଙ୍ଗେନ ସରପଞ୍ଚ ଡ. ସୁରେଶ କୁମାର ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ସାହୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଅଭିଭାବକ ତଥା ଗୋଛାଡେଙ୍ଗେନ ଓ ଅଲାତରା ପଞ୍ଚାୟତର ବହୁସଂଖ୍ୟାରେ ଶିକ୍ଷାପ୍ରେମ.ସାଧାରଣଲୋକେ ସାମିଲ ହୋଇଥିଲେ ।

# 'ଭୁବନେଶ୍ୱର ଥିଲେ ମୁକୁଳିତ ଚେତନାର ପ୍ରତୀକ'

**୧୦୯ତମ ଜୟନ୍ତୀ ପାଳିତ**

**ଭବାନୀପାଟଣା, ୨୧।୧(ସମିସ):**



ଭୁବନେଶ୍ୱର ବେହେରା ଥିଲେ ଜଣେ ମୁକୁଳିତ ଚେତନାର ପ୍ରତୀକ ।ସାହିତ୍ୟ ସାଧନାରେ ଅମୃତ ଉପାସକ । ତାଙ୍କ ରଚିତ ଉପନ୍ୟାସ, ଗଳ୍ପ ଓ କାବ୍ୟିକ ଚିନ୍ତନର ଶୈଳ୍ପୀକ ମୂଲ୍ୟବୋଧ ଓ ତୀର୍ଯ୍ୟକ ଅନ୍ତର୍ଦୃଷ୍ଟି ଉପରେ ନିମନ୍ତ୍ରିତ ଅତିଥିମାନେ ନିଜ ନିଜର ବକ୍ତ୍ୟବ ରଖି ସ୍ମୃତିଚାରଣ କରିଥିଲେ । ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଯୁବ ସଂସ୍କାର ହଲରେ ପ୍ରଫେସର ଭୁବନେଶ୍ୱର ବେହେରାଙ୍କ ୧୦୯ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି ।ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ ଓ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ କୁଳପତି ଡ.ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ଶିକ୍ଷାବିତ ଡ.ଉମେଶଚନ୍ଦ୍ର ଶତପଥୀ ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି, ମୁଖ୍ୟବକ୍ତା ଭାବେ ଭର୍ଚୁଆଲ ମୋଡରେ ବିଶିଷ୍ଟ କବୟିତ୍ରୀ ମମତା ଦାଶ, ସମ୍ମାନୀତ ବକ୍ତା ଡ.ଶ୍ରୀକାନ୍ତ କୁମାର ବାରିକ, ସମ୍ମାନିତ ଅତିଥି ଉପକୁଳ ସଚିବ ମେଜର ଡ.ଜୟଦେବ ସାହୁ, ସଂଗଠନ ସଭାପତି ବିରଜା ପ୍ରସାଦ ପଣ୍ଡା, ଧର୍ମଗଡ଼ ପଞ୍ଚାୟତ କଲେଜ ଅଧ୍ୟାପକ ଲିଙ୍ଗରାଜ ପାତ୍ର, ବିଶିଷ୍ଟ ସମାଜସେବୀ ଚିନ୍ମୟ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସଂଗଠନ ସମ୍ପାଦକ ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସମସ୍ତ କାର୍ଯ୍ୟକ୍ରମ କୁ ଓଡ଼ିଆ ଅଧ୍ୟାପିକା ଡ. ପ୍ରତ୍ୟାଶା ଧଳ ପରିଚାଳନା କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ ସହକାରୀ ପ୍ରଫେସର ଡୋଲାମଣି ଧରୁଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜାତୀୟସ୍ତରରେ ଗୋଲ୍ଡ ମେଡାଲପ୍ରାପ୍ତ ଛାତ୍ର ଈଶାନ ପାତ୍ର ଓ ପରିବେଶବିତ୍ ପିୟୁଷ ପାତ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ଭୁବନେଶ୍ୱର ବେହେରାଙ୍କ ମାନବିକ ମୂଲ୍ୟବୋଧ ଓ ନୈତିକ ସତ୍ୟକୁ ପ୍ରକାଶ କରିବାରେ ଯେଉଁ ଜୀବନ ଜିଜ୍ଞାସା ତାହା ଯୁବପୀଢ଼ୀଙ୍କୁ ଅନୁପ୍ରେରିତ କରିବ। ପରିଶେଷରେ ଓଡ଼ିଆ ଭାଷା ଅଧ୍ୟାପକ ସୁବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଟେମରା ଫୁଟବଲ ଟୁର୍ଣ୍ଣାମେଣ୍ଟ; ସିର୍ଲିଗୁଡ଼ା ଚାମ୍ପିଅନ୍

**କୋକସରା, ୨୧।୧(ସମିସ):** କୋକସରା ବ୍ଲକ ଟେମରା ୟଙ୍ଗ୍ ଷ୍ଟାର ବଏଜ୍ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଝାରକୁଣ୍ଡାମାଲକୁ ହରାଇ ସିର୍ଲିଗୁଡା ଦଳ ବିଜେତା ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ସ୍କୋର କରିନପାରିବାରୁ ଟ୍ରାଇବେକ୍‌ରେ ସିର୍ଲିଗୁଡା ଦଳ ବିଜୟୀ ହୋଇଛି। ଖେଳକୁ ପିଇଟି ତାପସ ଦାସ ପରିଚାଳନା କରିଥିବା ବେଳେ ଲାଇନ୍ସରେ ସଞ୍ଜୀବ ଦୁର୍ଗା ଓ ଭୁପିନ୍ଦ୍ର ଗୋପାଳ ସହଯୋଗ କରିଥିଲେ। ବୈକୁଣ୍ଠ ଜାଲ ଓ ଅଖିଳ ପଟେଲ ଖେଳର ଧାରା ବିବରଣୀରେ ପ୍ରଦାନ କରିଥିଲେ।ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଟେମରା ସରପଞ୍ଚ କ୍ଷିତିରାମ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସୁଧୀର କୁମାର ପାତ୍ର, ଚୈବନ ରଣା, ଜୟଲାଲ ନାଏକ, ପରମେଶ୍ୱର ପୁଝାରୀ, କେଦାର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ଅର୍ଥରାଶି ଦେଇ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ଅନୁଷ୍ଠାନର ନରେଶ ମାଝୀ, ବେଲାଲ ପୁଝାରୀ, ଗଜୀନ୍ଦ୍ର ରଣା, ରମେଶ ଦଳପତି, ପଞ୍ଚା ଚଳାନ, ଭୂପେନ୍ଦ୍ର ରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ଓଲଟିଲା ଟ୍ରକ୍, ଯୁବତୀ ଗୁରୁତର



**କେସିଙ୍ଗା, ୨୧।୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଜାତୀୟ ରାଜପଥ ୨୬ ଚିଚର୍ଲା ଗାଁ ବୁଲାଣିରେ ମଙ୍ଗଳବାର ଭୋରୁ ଏକ ଟ୍ରକ୍ ଜଣେ ଯୁବତୀଙ୍କୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ଇନ୍ଦିରା ଆବାସ ଗୃହରେ ପିଟିହୋଇ ଓଲଟି ପଡ଼ିଛି। ପ୍ରାପ୍ତ ସୂଚନାରୁ ଅନୁଯାଇ ଝାରସୁଗୁଡାରୁ ବିଦ୍ୟୁତ୍ ଖୁଣ୍ଟ ବୋଝେଇ ଟ୍ରକ୍ ଉମରକୋଟ ଯାଉଥିଲା। ଚିଚର୍ଲା ଗାଁ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ନଳକୂଅରେ ଛିଡା ହୋଇଥିବା ଚିଚର୍ଲା ଗାଁର ପ୍ରିୟଙ୍କା ମାଝୀ(୧୭)ଙ୍କୁ ଧକ୍କା ଦେଲା ପରେ ଗ୍ରାମର କୁଶ ମାଝୀଙ୍କ ଗୃହକୁ ଧକ୍କାଦେଇ ଓଲଟି ପଡ଼ିଥିଲା। ଟ୍ରକ ଧକ୍କାରେ ଯୁବତୀ ଜଣକର ଗୋଡ଼ ଭାଙ୍ଗି ଯାଇଛି। ଆବାସ ଘର ମଧ ଅନେକ କ୍ଷତିଗ୍ରସ୍ତ ହୋଇଛି। ସ୍ଥାନୀୟ ଲୋକେ ଯୁବତୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କେସିଙ୍ଗା ଡାକ୍ତରଖାନାକୁ ଆଣିଥିଲେ। ଯୁବତୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ କେସିଙ୍ଗା ପୁଲିସ ପହଞ୍ଚି ଟ୍ରକ୍ ଡ୍ରାଇଭର ଏବଂ ହେଲପରକୁ ଉଦ୍ଧାର କରିଥିଲା। ଦୁର୍ଘଟଣାରେ ଉଭୟ ଡ୍ରାଇଭର ଏବଂ ହେଲପର ସୁରକ୍ଷିତ ଅଛନ୍ତି। ପୁଲିସ ଟ୍ରକ ଜବତ କରି ତଦନ୍ତ କରୁଛି।

## ୩୫ ବିଦ୍ୟାଳୟର ନିଜସ୍ୱ ଜମି ନାହିଁ

# ୪ ବିଦ୍ୟାଳୟକୁ ଜମି ଦାନକଲେ ବଦାନ୍ୟ ବ୍ୟକ୍ତି

**କଲମପୁର, ୨୧।୧(ସମିସ):**

କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅଞ୍ଚଳରେ ସମୁଦାୟ ୧୦୮ଟି ବିଦ୍ୟାଳୟ ରହଛି। ଏଥିରୁ ୩୫ଟି ବିଦ୍ୟାଳୟର ନିଜସ୍ୱ ଜମି ନ ଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଏ ନେଇ ଦୈନିକ ଖବରକାଗଜ 'ସକାଳ'ରେ ଜମି ବିବାଦରେ ଫସି ରହିଛି ଏକାଧିକ ବିଦ୍ୟାଳୟ ଶୀର୍ଷକ ଲେଖା ପ୍ରକାଶିତ ହୋଇଥିଲା। ଖବର ପକାଶ ପରେ ବିଭାଗୀୟ ତଦନ୍ତ ହୋଇଥିଲା। ଏନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କଲମପୁର ତହସିଲଦାରକୁ ରିପୋର୍ଟ ଦାଖଲ ପୂର୍ବକ ସରକାରୀ ଜମି ଯୋଗାଇ ଦେବାକୁ ନିବେଦନ କରାଗଲା। ରିପୋର୍ଟ କଲମପୁର ତହସିଲଦାର ସ୍ମରଣିକା ତୁଳଙ୍କ ନିକଟରେ ପହଞ୍ଚିବା ପରେ ମଧ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କଲେନାହିଁ। ଏପଟେ ବିଦ୍ୟାଳୟ ସ୍ଥାପନ ହୋଇଥିବା ଜମି ଉପରେ ଜମି ମାଲିକମାନଙ୍କ ସମ୍ପର୍କୀୟମାନେ କୌଣସି ଭିତ୍ତିଭୂମି ସଜାଡିବାରେ ବାଧକ ହୋଇ ଠିଆହେବାରୁ କାର୍ଯ୍ୟକ୍ରମ ଆଗେଇ ପାରୁନାହିଁ। ଏଭଳି ପରିସ୍ଥିତିରେ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୁଶ୍ରୀ ମଧୁସ୍ମିତା ନାଏକ ପ୍ରୟାସ ଆରମ୍ଭ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୁଶ୍ରୀ ମଧୁସ୍ମିତା ନାଏକଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ୪ଜଣ ବଦାନ୍ୟ ବ୍ୟକ୍ତି ୪ଟି ବିଦ୍ୟାଳୟକୁ ଜମି ଦାନ କରିଛନ୍ତି। ପଣ୍ଡିଗାଁ ପଞ୍ଚାୟତ ମହାରଣାପଡ଼ା ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷକ ଭବାନୀ ଶଙ୍କର ପଣ୍ଡା ୩୦ ଡିସିମିଲ ଜମି ଦାନ କରିଥିବା ବେଳେ ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବିଶ୍ୱନାଥ ପଣ୍ଡା ୧୦ଡିସିମିଲ ଜମି ଦାନ କରିଛନ୍ତି। ସେହିଭଳି ଘୋଡାବନ୍ଧା ପ୍ରାଥମିକ ବିଦ୍ୟାଳୟ ପାଇଁ ନୀରଞ୍ଜନ ପଟେଲ ୫ ଡିସିମିଲ ଓ ଟେମରା ତଳପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ପାଇଁ ରମାକାନ୍ତ ନାଏକ ୫ ଡିସିମିଲ ଜମି ଦାନ କରିଛନ୍ତି। ଯଦି କୌଣସି ବଦାନ୍ୟ ବ୍ୟକ୍ତି ବିଶେଷ ବିଦ୍ୟାଳୟ ପାଇଁ ଜମି ଦାନ କରନ୍ତି ତେବେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୁଶ୍ରୀ ନାଏକ ତାଙ୍କ ପ୍ରତିକ୍ରିୟାରେ ମତବ୍ୟକ୍ତ କରିଛନ୍ତି।

୧୦୮ଟି ବିଦ୍ୟାଳୟ ମଧ୍ୟରୁ ୩୫ଟି ବିଦ୍ୟାଳୟରେ ନିଜସ୍ୱ ଜମି ନ ଥିବା ପଛରେ କାହାର ତ୍ରୁଟି ରହିଛି ତାହା ହିଁ ଏଠାରେ ବଡପ୍ରଶ୍ନ ପାଲଟିଛି। ଦଶନ୍ଧି ଦଶନ୍ଧି ପରେ କାହିଁକି ବେସରକାରୀ ଜମି ମାଲିକମାନଙ୍କ ଉତ୍ତରାଧିକାରୀମାନେ ବିଦ୍ୟାଳୟ ଭଳି ପବିତ୍ର ଅନୁଷ୍ଠାନ ଉପରେ ଦୃଷ୍ଟି ନିକ୍ଷେପ କରିଛନ୍ତି ତାହାହିଁ ତଦନ୍ତ ସାପେକ୍ଷ। ବିଭିନ୍ନ ବିଦ୍ୟାଳୟର ଜମି ମଧ ବିପୁଳ ପରିମାଣରେ ଜବର ଦଖଲ ହୋଇଥିବା ବେଳେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସନ୍ତୋଷଜନକ ହୋଇ ପାରୁ ନାହିଁ। ବିଦ୍ୟାଳୟ ସ୍ଥାପନ ନିଷ୍ପତ୍ତି ଯେତେବେଳେ ହେଲା ସେ ସମୟରେ ଉକ୍ତ ମହାଜନୀ ଜମିରେ କେଉଁ ପରିସ୍ଥିତିରେ ସ୍ଥାପିତ ହେଲା ତାହାକୁ ନିରିଖେଇ ଦେଖିଲେ ସତ୍ୟତା ଲୋକଲୋଚନକୁ ଆସିପାରନ୍ତା।

ଶ୍ରଦ୍ଧାଞ୍ଜଳି



୰ ଡାକ୍ତର ବିଜୟ କୁମାର ସାହୁ
ବୟାଳିଶବାଟି, ଗୋପ, ପୁରୀ
ଆବିର୍ଭାବ - ତା ୫.୦୨.୧୯୫୬ / ତିରୋଧାନ - ତା ୧୩.୦୧.୨୦୨୫

ହେ ପୁଣ୍ୟାତ୍ମା,
ଆପଣ ଆମ୍ଭମାନଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ । ଆପଣଙ୍କ ଅମଳିନ ସ୍ନେହ, ଶ୍ରଦ୍ଧା ଓ ମାର୍ଗଦର୍ଶନରୁ ଏବେ ଆମେ ବଞ୍ଚିତ । ଅଶ୍ରୁସିକ୍ତ ନୟନରେ ଆପଣଙ୍କ ସ୍ମୃତିକୁ ଝୁରିବା ବ୍ୟତିରକେ ଅନ୍ୟ ଉପାୟ ନାହିଁ । ଈଶ୍ୱରଙ୍କ ଏ ଚରାଚର ସୃଷ୍ଟିରେ ଆପଣ ଯେଉଁଠି ଥିଲେ ବି ଆଲୋକବର୍ତ୍ତିକା ହୋଇ ଆମକୁ ଆଶୀର୍ବାଦ କରୁଥାଆନ୍ତୁ । ଆପଣଙ୍କ ଅମର ଆତ୍ମା ଚିର ଶାନ୍ତି ଲାଭ କରୁ, ଆଜି ଏକାଦଶାହ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।

ଆପଣଙ୍କର ଶୋକସନ୍ତପ୍ତ ପରିବାର

# ଲିବରେସନ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର

## ୨୧ ୟୁନିଟ୍ ରକ୍ତ ସଂଗୃହୀତ





**ବଲାଙ୍ଗିର,୨୧ା୧(ସମିସ):** ବଲାଙ୍ଗିର ଲୋକ ମହୋତ୍ସବ ୨୦୨୫ ଉପଲକ୍ଷେ ଅଗ୍ରଣୀ ସମାଜସେବୀ ଅନୁଷ୍ଠାନ ଲିବରେସନ୍ ପକ୍ଷରୁ ବଲାଙ୍ଗିର ରକ୍ତଭଣ୍ଡାରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଶିବିରକୁ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ଉଦଘାଟନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରମେଶ ସାହୁ ଓ ହସ୍ପିଟାଲ୍ ଅଧିକ୍ଷକ ଡା. ମାନସୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବୀ ଟୁନା ମିଶ୍ର, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଜିଲ୍ଲା ଭାଜପା ଯୁବ ସଭାପତି ଅମରଜିତ ପଟେଲ, ଅପ୍ରମିତ ପରିଛା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଯୁବକମାନେ ଏଭଳି ରକ୍ତଦାନ ଶିବିରରେ ଯୋଗଦେଇ ସମାଜସେବା ପ୍ରତି ଆକର୍ଷିତ ହେବେ ବୋଲି ମୁଖ୍ୟଅତିଥି ଶ୍ରୀ ସିଂଦେଓ କହିଥିଲେ। ଅନୁଷ୍ଠାନର ଉପସଭାପତି ଆକାଶ କୁମାର ଏବଂ ଅଧ୍ୟକ୍ଷ ସତ୍ୟନାରାୟଣ ହୋତା ପ୍ରମୁଖ ସହଯୋଗ କରିଥିଲେ। ଲିବରେସନ୍ ଏଭଳି ଏକ ଜନମଙ୍ଗଳ କାର୍ଯ୍ୟକ୍ରମକୁ ବଲାଙ୍ଗିର ସହର ବୁଦ୍ଧିଜୀବୀ ମହଲରେ ବେଶ୍ ପ୍ରଶଂସା କରାଯାଇଛି।

### ● ବସ୍ ଟର୍ମିନାଲ୍‌ରେ ରକ୍ତଦାନ ଶିବିର

ବଲାଙ୍ଗିର,୨୧ା୧(ସମିସ): ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ସ୍ଥାନୀୟ ବସ୍ ଟର୍ମିନାଲ୍‌ରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଆରଟିଓ ଏବଂ ଡ୍ରାଇଭର ମହାସଂଘର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ରକ୍ତଦାନ ଶିବିରରେ ମୁଖ୍ୟଅତିଥି ଭାବରେ ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ଏସ୍‌ଡିପିଓ ନିଜେ ରକ୍ତଦାନ କରିବା ସହିତ ରାସ୍ତାରେ ନୁହେଁ, ଡାକ୍ତରଖାନାରେ ରକ୍ତଦାନ କର ବୋଲି ସଚେତନତା ବାର୍ତ୍ତା ଦେଇଥିଲେ। ସେହିଭଳି ଡ୍ରାଇଭର ମହାସଂଘର ସଦସ୍ୟମାନେ ମଧ୍ୟ ରକ୍ତଦାନ କରିଥିଲେ। ପ୍ରକାଶ ଯେ, ଜାନୁଆରୀ ୧ ତାରିଖରୁ ସଡ଼କ ସୁରକ୍ଷା ମାସ ପାଳନ ପରିପେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ସଡ଼କ ସୁରକ୍ଷା ନିୟମ ଏବଂ ସଚେତନତା ସୃଷ୍ଟି କରାଯାଉଛି। ସେହିଭଳି ରକ୍ତଦାନ କରି ଅମୂଲ୍ୟ ଜୀବନ ବଞ୍ଚାଇବାକୁ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିବା ଆୟୋଜକଙ୍କ ତରଫରୁ ସୂଚନା ରହିଛି।

### ଜିଲ୍ଲା ପରିଷଦ ବୈଠକରେ ହଟ୍ଟଗୋଳ

# ଜିଲ୍ଲା ପରିଷଦ ସଭ୍ୟଙ୍କୁ ଅଣଦେଖା ଅଭିଯୋଗ

ବଲାଙ୍ଗିର,୨୧ା୧(ସମିସ)



ବଲାଙ୍ଗିର ଜିଲ୍ଲା ପରିଷଦ ବୈଠକରେ ବିଜେପି ସରକାର ଆସିବା ପରେ ଜିଲ୍ଲା ପରିଷଦମାନଙ୍କୁ ପ୍ରଶାସନ ଦ୍ୱାରା ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଏପରିକି ବୈଠକରେ ପ୍ରସ୍ତାବ ପାରିତ ହେଉଛି ସତ କଥା କିନ୍ତୁ ତାହା କାର୍ଯ୍ୟକାରୀ କରାଯାଉନଥିବା ଅଭିଯୋଗ କରି ଜିଲ୍ଲାପରିଷଦ ସଭ୍ୟମାନେ ହଟ୍ଟଗୋଳ କରିଥିଲେ। ଚଳିତ ଲୋକଉତ୍ସବରେ ଜିଲ୍ଲା ପରିଷଦ ତଥା ନିର୍ବାଚିତ ପ୍ରତିନିଧିମାନଙ୍କୁ ଡକାନଯିବାକୁ ନେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷା କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ଗୁଡଭେଲା ବ୍ଲକ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ପଣ୍ଡା ନିଜେ ଆରମ୍ଭରୁ କରିଆସୁଥିବା ଦାବିଗୁଡ଼ିକ ପୂରଣ ହେଉନଥିବାରୁ ତାକୁ ଏକ ବ୍ୟାନର ତିଆରି କରି ପ୍ରଦର୍ଶନ କରିଥିଲେ।

ମଙ୍ଗଳବାର ବଲାଙ୍ଗିର ଜିଲ୍ଲା ପରିଷଦ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଗୌରୱ ଶିବାଜୀ ଇସାଲୱରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସାଂସଦ ସଙ୍ଗିତା କୁମାରୀ ସିଂହଦେଓ, ସଦର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ଅନ୍ୟ ବିଧାୟକଙ୍କ ପ୍ରତିନିଧିଙ୍କ ସହ ଜିଲ୍ଲା ପରିଷଦ ସଭ୍ୟ, ବ୍ଲକ୍ ଅଧ୍ୟକ୍ଷ ଓ ଜିଲ୍ଲାସ୍ତରର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରୁ ହିଁ ବିଭିନ୍ନ ପ୍ରସଙ୍ଗକୁ ନେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଜିଲ୍ଲା ପ୍ରଶାସନକୁ ଟାର୍ଗେଟ କରିଥିଲେ। ଜିଲ୍ଲା ପ୍ରଶାସନ ସବୁ କ୍ଷେତ୍ରରେ ମନମାନୀ କରୁଥିବା କହିଥିଲେ। ଏହିଉଦ୍ଦେଶ୍ୟରେ ସେ ଜିଲ୍ଲାରେ ଚାଲିଥିବା ଲୋକଉତ୍ସବ ପ୍ରସଙ୍ଗ ଉଠାଇଥିଲେ। ପୂର୍ବ ବର୍ଷମାନଙ୍କରେ ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ସାମିଲ କରାଯାଉଥିଲା। କିନ୍ତୁ ଚଳିତ ବର୍ଷ ଏହାକୁ ଅଣଦେଖା କରାଯାଇଛି। ନିର୍ବାଚିତ ପ୍ରତିନିଧିମାନଙ୍କୁ କାହିଁକି ଏଥିରେ ସାମିଲ କରାଯାଇନାହିଁ ବୋଲି ପ୍ରଶ୍ନ ଉଠାଇଥିଲେ। ସେହିପରି ଅନ୍ୟ ଜିଲ୍ଲା ପରିଷଦ

## ଜିଲ୍ଲା ଉତ୍ସବକୁ ନେଇ ବର୍ଷିଲେ ଅଧ୍ୟକ୍ଷା

ସଭ୍ୟମାନେ ମଧ୍ୟ ଜିଲ୍ଲା ପ୍ରଶାସନ, ବିଧାୟକ ଓ ସାଂସଦଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ସେମାନେ କହିଥିଲେ ଯେ ଗତ କିଛି ଜିଲ୍ଲା ପରିଷଦ ବୈଠକରେ ଜିଲ୍ଲାର ବିକାଶ ପାଇଁ ଅନେକ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। କିଛି ପ୍ରସ୍ତାବ ପାରିତ ହୋଇଥିଲା। କିଛି ମାସ ଆଗରୁ ହୋଇଥିବା ବୈଠକରେ ନିଜେ ଉପମୁଖ୍ୟମନ୍ତ୍ରୀ ଉକ୍ତ ଦାବି ପୂରଣ କରିବା ପାଇଁ କଥା ଦେଇଥିଲେ କିନ୍ତୁ, ତାହା ଆଜି ପର୍ଯ୍ୟନ୍ତ ପୂରଣ ହୋଇପାରିନଥିବା ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ପଣ୍ଡା ଅଭିଯୋଗ କରିଥିଲେ। ସେହିପରି ବୈଠକରେ ଉପସ୍ଥିତ ଥିବା ବିଜେପି ନେତା ଅଶୋକ ଦୋରା ଗତ ୨୪ ବର୍ଷରେ ବିଜେଡି କଣ କରିଛି ତାହାର ହିସାବ ରଖିବାକୁ କହିଥିଲେ। ଏଥିରେ ବିଜେଡି ଜିଲ୍ଲା ପରିଷଦ ସଭ୍ୟ ଓ ସଭ୍ୟା ଅସନ୍ତୋଷ ପ୍ରକାଶ କରି ହଟ୍ଟଗୋଳ କରିଥିଲେ। ଜିଲ୍ଲା ପରିଷଦମାନେ ଆହୁରି ଅଭିଯୋଗ କରିଛନ୍ତି ଯେ ସେମାନେ ରଖୁଥିବା ଦାବି ଓ ପ୍ରସ୍ତାବକୁ ଆଦୌ ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ସେମାନେ ଯେତେବେଳେ ଲୋକଙ୍କ ପାଖକୁ ଯାଉଛନ୍ତି ଲୋକେ ତାଙ୍କୁ ବିଭିନ୍ନ କଥା ଶୁଣାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରିକି ଲୋକଙ୍କ ଆଗରେ ମୁହଁ ଲୁଚାଇବାକୁ ପଡୁଥିବା ମଧ୍ୟ କହିଛନ୍ତି। ଅନ୍ୟପକ୍ଷରେ ବିଜେପି ସରକାର ଆସିବା ପରେ ଅଧିକାରୀମାନେ ମନମୁଖୀ କାରବାର ଚଲାଇଥିବା ଅଭିଯୋଗ ହୋଇଥିଲେ। ନିଜେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ବୈଠକକୁ ଅଧିକାରୀମାନେ ବିଳମ୍ବରେ ପହଞ୍ଚିବାକୁ ନେଇ ପ୍ରଶ୍ନ ଉଠାଇଥିଲେ। ବୈଠକରେ ହୋଇଥିବା ଏହି ପରିସ୍ଥିତିକୁ ନେଇ ବିଧାୟକ କଳିକେଶ ସିଂହଦେଓ ନିଜ ପ୍ରତିକ୍ରୀୟା ରଖିଥିଲେ। ଜିଲ୍ଲାର ବିକାଶ ପାଇଁ ସବୁଦଳ



ମିଳିମିଶି ଉଦ୍ୟମ କରିବା କଥା। ଜିଲ୍ଲାରେ ୩୦ରୁ ୪୦ ପ୍ରତିଶତ ମାତ୍ର ଡାକ୍ତର ଅଛନ୍ତି, ଧାନକିଣାରେ ବ୍ୟାପକ ଅନିୟମିତତା ହୋଇଛି, ଶିକ୍ଷା ବ୍ୟବସ୍ଥା ସହ ଲୋକଙ୍କ ଦାବି ଉପରେ ଆଲୋଚନା କରାଯିବା କଥା କିନ୍ତୁ ଏଠି ଓଲଟା ହେଉଥିବା କହିଛନ୍ତି। ଲୋକଉତ୍ସବରେ ପୂର୍ବରୁ ସମସ୍ତ ଜନ ପ୍ରତିନିଧିଙ୍କୁ ସାମିଲ କରାଯାଉଥିଲା କିନ୍ତୁ, ଚଳିତ ଲୋକ ଉତ୍ସବ କମିଟି କାହିଁକି ସମସ୍ତଙ୍କୁ ସାମିଲ କରିନାହାନ୍ତି ତାଙ୍କୁ ପ୍ରଶ୍ନ କରାଯିବା କଥା ବୋଲି ସେ କହିଛନ୍ତି। ସେହିପରି ଅନ୍ୟ ଜିଲ୍ଲା ପରିଷଦ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପରିଷଦମାନଙ୍କୁ କରାଯାଉଥିବା ଅଣଦେଖାକୁ ନାପସନ୍ଦ କରିବା ସହ କ୍ଷୋଭପ୍ରକାଶ କରିଛନ୍ତି।

## ଏକ୍ସପୋର୍ଟରକୁ କଷ୍ଟମ ମିଲିଂ ଦାୟିତ୍ୱ ପ୍ରଦାନର ଭିଜିଲାନ୍ସ ତଦନ୍ତ ଦାବି

**ବଲାଙ୍ଗିର:** ବଲାଙ୍ଗିର ଜିଲ୍ଲାରେ ଧାନକିଣା ଓ କଷ୍ଟମମିଲିଂକୁ ନେଇ ଜିଲ୍ଲାପରିଷଦ ବୈଠକରେ ହଟ୍ଟଗୋଳ ହୋଇଛି। ଖୋଦ ଜିଲ୍ଲାପରିଷଦ ସଭାପତି ଦେବକୀ ସାହୁ ଜିଲ୍ଲାରେ ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀ ଅନିୟମିତତା କରୁଥିବା ଅଭିଯୋଗ ଉଠାଇଥିଲେ। ଅଭିଯୋଗ ଉପରେ ବୈଠକରେ ଆଲୋଚନା କରାଯାଇଥିବାବେଳେ ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରାଯାଇଥିଲା। ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ମଧ୍ୟ ଏକ୍ସପୋର୍ଟ ଲାଇସେନ୍ସ ନେଇଥିବା ମିଲର୍ସଙ୍କୁ କିଭଳି କଷ୍ଟମମିଲିଂରେ ସାମିଲ କରାଯାଇଛି ବୋଲି ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ଏପରିକି ଜିଲ୍ଲାପରିଷଦର ସଭାପତି ନିଜେ ଜିଲ୍ଲାପାଳ ଓ ଯୋଗାଣଅଧିକାରୀଙ୍କୁ ତଦନ୍ତ ପାଇଁ ଚିଠି କରିଥିଲେ ହେଁ ସେମାନେ କୌଣସି ତଦନ୍ତ କରାଉନଥିବା ଅଭିଯୋଗ ଉଠାଇଥିଲେ।ଏପରିକି ନିର୍ବାଚିତ ପ୍ରତିନିଧିମାନେ ଫୋନ କଲେ ଜିଲ୍ଲା ଯୋଗାଣଅଧିକାରୀ ଫୋନ ଉଠାଉ ନଥିବା ଅଭିଯୋଗ ମଧ୍ୟ ଉଠିଥିଲା। ଏନେଇ ବୈଠକରେ ଜିଲ୍ଲାପାଳଙ୍କ ଉପରେ ନିର୍ବାଚିତ ପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲ୍ଲାପରିଷଦ ସଭାପତି ଦେବକୀ ସାହୁ ଅଭିଯୋଗ କରିଥିଲେ ଯେ, ସଲଣ୍ଡିରେ ଥିବା ଶ୍ରୀଶ୍ୟାମଜୀ ପେଡିପ୍ରୋସେସିଂ ଲିଃ ଓ ରାଧେଗୋବିନ୍ଦ ଫୁଡପ୍ରଡକ୍ଟ ନାମରେ କେନ୍ଦ୍ରର ଏକ୍ସପୋର୍ଟ ଲାଇସେନ୍ସ ରହିଥିବା ବେଳେ ତାକୁ କଷ୍ଟମମିଲିଂରେ କେମିତି ସାମିଲ କରାଯାଇଛି। ଏହାର ଉତ୍ତରରେ ଜିଲ୍ଲାପାଳ ଗୌରବ ଶୀବାଜୀ ଇସଲୱାର କହିଲେ ଯେ, ଗତବର୍ଷ ଜିଲ୍ଲାପାଳ ରାଜ୍ୟ ସରକାରଙ୍କୁ ଚିଠିଲେଖି ଏହାର କ୍ଲାରିଫିକେସନ ମାଗିଥିଲେ କିନ୍ତୁ, ସେପଟୁ କିଛି ମଧ୍ୟ ଉତ୍ତର ଆସିଲା ନାହିଁ। ତେଣୁ ଚଳିତବର୍ଷ ମଧ୍ୟ ସେଭଳି କଷ୍ଟମମିଲିଂରେ ସାମିଲ କରାଯାଇଛି। ସେପଟେ ଏହାର ସରକାରୀ ନିୟମର ଉଲ୍ଲଂଘନ କରାଯାଇଥିବା ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଅଭିଯୋଗ ଉଠାଇଥିଲେ। ଜିଲ୍ଲାପରିଷଦ ସଭାପତି ଦେବକୀ ସାହୁ ଗାଇଡ୍‌ଲାଇନ ବାହାରକରି ଦେଖାଇବା ପରେ ଜିଲ୍ଲା ମୁଖ୍ୟ ଯୋଗାଣଅଧିକାରୀ ରଞ୍ଜନ ପଣ୍ଡା ନୀୟମର ଉଲ୍ଲଂଘନ ହୋଇଥିବା ମାନିଥିଲେ। ଜିଲ୍ଲାପରିଷଦ ସଭାପତି ଦେଇଥିବା ଅଭିଯୋଗର ତଦନ୍ତ ରିପୋର୍ଟ ଦୁଇଦିନ ମଧ୍ୟରେ ଦିଆଯିବ ବୋଲି ଯୋଗାଣଅଧିକାରୀ ବେଣୁଧର ପାଣିଗ୍ରାହୀ କହିଥିଲେ।ଏହାର ଏକ ଭିଜିଲାନ୍ସସ୍ତରୀୟ ତଦନ୍ତ କରାଯିବାକୁ ଜିଲ୍ଲାପରିଷଦ ସଭାପତି ଶ୍ରୀମତୀ ସାହୁ ଗୃହରେ ଦାବି କରିଥିଲେ। ଏହାକୁ ଅନ୍ୟ ସଦସ୍ୟ ସମର୍ଥନ ମଧ୍ୟ କରିଥିଲେ।

### ବିଭିନ୍ନ ଧାନମଣ୍ଡିରେ ପଡ଼ିରହିଛି ଶହଶହ ବସ୍ତା ଧାନ

# ଯୋଗାଣ ବିଭାଗକୁ ଚିଠି ସତ୍ତ୍ୱେ ମିଳୁନି ଟାର୍ଗେଟ

**ଦେଓଗାଁ,୨୧ା୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ମଣ୍ଡିଗୁଡ଼ିକରେ ଚାଷୀଙ୍କ ଧାନକ୍ରୟକୁ ନେଇ ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ସମନ୍ୱୟ ରଖି ଚାଷୀଙ୍କ ଧାନକ୍ରୟ କରି ଉଚିତ ମୂଲ୍ୟ ପାଇବା ଦିଗରେ ପଦକ୍ଷେପ ନେବାକୁ ସମସ୍ତ ପାକ୍ସଗୁଡିକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବର୍ତ୍ତମାନ ପାକ୍ସଗୁଡିକରେ ଟାର୍ଗେଟ ନ ଥିବାରୁ ଅନେକ ଚାଷୀଙ୍କ ଧାନ ସେଠାରେ ପଡ଼ିରହିଥିବା ଅଭିଯୋଗ ହେଉଛି। ମିଳିଥିବା ତଥ୍ୟ ମତେ କୁତୁର୍ଲା ପାକ୍ସକୁ ୨୬୪୨୦ କ୍ୱିଣ୍ଟାଲ, ବଡ଼ବନ୍ଧ ୧୭୯୫୦, ଜରାସିଂହା ୧୯୮୩୦, ରାମଚନ୍ଦ୍ରପୁର ୧୨୪୮୦, ଉପରଝର ୨୦୬୪୦, ବନ୍ଧପଡ଼ା ୨୦୪୯୦, ଗୌରଗୋଠ ୧୯୮୪୦, ମହଲେଇ ୨୪୪୨୦, ସାରସମାଲ ୨୩୫୩୦, ଦେଓଗାଁ ୧୯୯୨୦, ଅର୍ଜୁନପୁର ୩୧୫୦୦, ଧଣ୍ଡାମାଲ ୨୪୪୪୦, ମାଁ ମଙ୍ଗଳା ଏସ୍‌ଏଚଜି ୧୬୯୬୦, ଶ୍ରୀଦୁର୍ଗା ଏସଏଚଜି ୧୫୪୫୦, ସୀତାବାଇ ଫୁଲେ ଏସଏଚଜି ୧୧୫୦୦, ମହାଲକ୍ଷ୍ମୀ ଏସଏଚଜି ୧୦୪୮୦



ଚିନ୍ତାରେ ଚାଷୀ

କ୍ୱିଣ୍ଟାଲ ଧାନ କିଣିବାପାଇଁ ଟାର୍ଗେଟ ପ୍ରଧାନ କରାଯାଇଥିଲା। କିନ୍ତୁ ବର୍ତ୍ତମାନ କୁତୁର୍ଲା, ବଡ଼ବନ୍ଧ, ଜରାସିଂହା, ରାମଚନ୍ଦ୍ରପୁର, ଉପରଝର, ବନ୍ଧପଡା, ସାଇଦୁର୍ଗା ଏସଏଚଜି, ସାବିତ୍ରୀ ବାଇ ଫୁଲେ, ମହାଲକ୍ଷ୍ମୀ ଏସ୍‌ଏଚଜିଗୁଡ଼ିକରେ ଟାର୍ଗେଟ ନ ଥିବାରୁ ଚାଷୀ ବିକ୍ରୟ କେନ୍ଦ୍ରଗୁଡ଼ିକରୁ ହତାଶ ହୋଇ ଫେରିଯାଉଥିବା ଅଭିଯୋଗ ହେଉଛି। ଗୌରଗୋଠ, ମହଲେଇ, ସାରସମାଲ, ଦେଓଗାଁ, ଅର୍ଜୁନପୁର, ଧଣ୍ଡାମାଲ, ମା' ମଙ୍ଗଳା ଏସ୍‌ଏଚଜିଗୁଡ଼ିକରେ ବାକି ରହିଥିବା ଟାର୍ଗେଟଗୁଡ଼ିକ ଖବର ଲେଖା ହେବା ପର୍ଯ୍ୟନ୍ତ ସରିଯାଇଥିବା ଜଣାପଡ଼ିଛି। କିନ୍ତୁ ଏଦିଗରେ ପାକ୍ସ ସଂପାଦକଗୁଡ଼ିକ ଯୋଗାଣ ବିଭାଗକୁ ଲିଖିତ ଭାବେ ଦୀର୍ଘ ସାତ ଦିନ ହେଲା ଜଣାଇଥିଲେ ମଧ୍ୟ ଟାର୍ଗେଟ ଦିଗରେ କୌଣସି ଅଧିକାରୀଙ୍କୁ ଫୋନ କଲେ କିଛି କହି ପାରୁନାହାନ୍ତି। ଅଞ୍ଚଳର ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲାପାଳ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀମହଲରେ ଦାବି ହେଉଛି।

# କଣ୍ଟାବାଞ୍ଜି ସହରରେ ଭାରୀଯାନ ଉପରେ କଟକଣା ଦାବି

**କଣ୍ଟାବାଞ୍ଜି,୨୧ା୧(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ମନଇଚ୍ଛା ଦୋକାନ ମାଲିକମାନେ ଭାରୀଯାନ ରଖି ଦିନରାତି ଲୋଡିଂ ଏବଂ ଅନଲୋଡିଂ କରୁଛନ୍ତି। ଯାହାଫଳରେ ଘଣ୍ଟାଘଣ୍ଟା ଧରି ରାସ୍ତା ଜାମ ରହୁଥିବା ବେଳେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଏବଂ ଆମ୍ବୁଲାନ୍ସ ଅଟକି ରହୁଛି। ଏନେଇ ମଙ୍ଗଳବାର କଣ୍ଟାବାଞ୍ଜି ସଚେତନ ନାଗରିକମାନଙ୍କ ପକ୍ଷରୁ ତହସିଲଦାର ଅଞ୍ଜଳୀ ମାଝୀଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଛନ୍ତି। କଣ୍ଟାବାଞ୍ଜି ସହରର ଭିତରେ ପ୍ରତ୍ୟେକ ଦିନ ମନଇଚ୍ଛା ଭାରୀଯାନ ଚଳାଚଳ ହେଉଥିବା ବେଳେ ସ୍ଥାନୀୟ ପୁଲିସ ପ୍ରଶାସନ ନିଦାବିଷ୍ଣୁ ସାଜିଛି ବୋଲି ଅଭିଯୋଗ ହେଉଛି। ସହରର ମୁଖ୍ୟରାସ୍ତାରେ ଅନେକ ଶିକ୍ଷାନୁଷ୍ଠାନ ରହିଥିବା ବେଳେ ଦ୍ରୁତଗତିରେ ପ୍ରତ୍ୟେକ ଦିନ ଭାରୀଯାନ ଯାତାୟାତ କରୁଛି। ଯାହାଫଳରେ ଛାତ୍ରଛାତ୍ରୀଙ୍କ ଜୀବନ ମଧ୍ୟ ବିପଦରେ ଅଛି। ପୂର୍ବରୁ ଭାରୀଯାନକୁ ନେଇ ସିନ୍ଧେକେଲା ସହରରେ ମଧ୍ୟ ଟ୍ରାଫିକ ସମସ୍ୟା ଦେଖା ଦେଉଥିବା ବେଳେ ବର୍ତ୍ତମାନ ଜିଲ୍ଲାପାଳ ଏହା ଉପରେ ଦିନବେଳା କଟକଣାଜାରି କରିଛନ୍ତି। ସିନ୍ଧେକେଲାରେ ଏବେ କିଛି ମାତ୍ରାରେ ଟ୍ରାଫିକ ନିୟନ୍ତ୍ରଣ ହୋଇଛି। ସିନ୍ଧେକେଲା ପରି କଣ୍ଟାବାଞ୍ଜି ସହରରେ ମଧ୍ୟ ଦିନବେଳା ଭାରୀଯାନ ଚଳାଚଳ ଉପରେ ପ୍ରଶାସନ ରୋକ ଲଗାଉ ବୋଲି କଣ୍ଟାବାଞ୍ଜି ସହରର ସଚେତନ




ନାଗରିକମାନେ ଦାବି କରିଛନ୍ତି। ଯଦି ପ୍ରଶାସନ ଏହା ଉପରେ ନଜର ନ ଦିଏ ତେବେ ଆନ୍ଦୋଳନ କରିବା ପାଇଁ ମଧ୍ୟ ସେମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ଦେବା ସମୟରେ ବରିଷ୍ଠ ସମାସେଜୀ ସୁରଥ ବେହେରା, ଆଇନଜୀବୀ ଜଗୁ ରାଓ, ବିନୟ ବିଭାର, ଆଶିଷ ଅଗ୍ରୱାଲ, ଧନଞ୍ଜୟ ମଛଖଣ୍ଡଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ମାଁ ଚଣ୍ଡେଶ୍ୱରୀ ଲୋକମହୋତ୍ସବ ଉଦ୍‌ଯାପିତ

# ଦର୍ଶକଙ୍କ ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ



ସଇଁତଳା,୨୧ା୧(ସମିସ)

ସଇଁତଳା ବିବେକାନନ୍ଦ ପାଠାଗାର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ତିନିଦିନ ଧରି ଚାଲିଥିବା ମାଁ ଚଣ୍ଡେଶ୍ୱରୀ ଲୋକମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ମା' ଚଣ୍ଡୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ କୁମ୍ଭାରୀର ଅଘୋରୀ ନୃତ୍ୟ ଲୋକଙ୍କ ମନମୋହିଥିଲା। ପରେ ସଭାସ୍ଥଳକୁ ମଶାଲ ଅଣାଯିବାପରେ ସେଠାରେ ସ୍ଥାପନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା। ପ୍ରଥମ ଦିନ କମିଟିର ସଭାପତି ଭୀମସେନ ସ୍ୱିଇଙ୍କ ଅଧ୍ୟକ୍ଷତାରେ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ମୁଖ୍ୟବକ୍ତା ଭାବେ ଗବେଷକ ଯୁଗଳ କିଶୋର ଷଡ଼ଙ୍ଗୀ ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମୋନିକା ସିଂ ଭୋଇ, ଉପାଧ୍ୟକ୍ଷ ଗୁଣସାଗର ମାଝୀ, ବିଡିଓ ବିନୟ କୁମାର ଭୋଇ ଓ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ ଯୋଗଦେଇଥିଲେ। ପାଠାଗାରର ସମ୍ପାଦକ ପ୍ରମୋଦ କୁମାର ବୈଠାରୁ ବିବରଣୀ ପାଠ କରିଥିଲେ। କୋରାପୁଟର ଡେମସା, ସଇଁତଳା ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟର ଆଦିବାସୀ ନୃତ୍ୟ ଏବଂ ଢେଙ୍କାନାଳର ପାଇକ ଆଖଡ଼ା ଦର୍ଶକଙ୍କ ମନମୋହିଥିଲା। ସେହିପରି ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ଶ୍ରୀ ସିଂ ଭୋଇ, ସମ୍ମାନିତ ଅତିଥି ଭାବରେ ପ୍ରମୋଦ ପଧାନ, ବିରବର ସାହୁ ସାମ୍ବାଦିକ ତଥା ସମାଜସେବୀ ଗୌତମ କ୍ଷେତୀ ପ୍ରମୁଖ ଯୋଗଦେଇଥିଲେ। ଖୋର୍ଦ୍ଧାର ପ୍ରଜ୍ଞାନୃତ୍ୟ, ବରଗଡ଼ର ଢଲିଆଖୁସା ନୃତ୍ୟ ଓ ଲୋଇସିଂହାର ସୁରସଙ୍ଗୀତ କଳାପରିଷଦର ସଦସ୍ୟମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ତିମ ଦିବସରେ ମୁଖ୍ୟଅତିଥି ଭାବେ ସୁରେନ୍ଦ୍ର ସିଂ ଭୋଇ, ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର ଓ ସଇଁତଳା ଥାନା ଅଧିକାରୀ ଶୁଶାନ୍ତ ବଡ଼େଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସିନ୍ଧେକେଲା ପଲ୍ଲୀଶ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରଥ ବକ୍ତା ଭାବରେ ଯୋଗଦେଇଥିଲେ। ଲୋକମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଲୁକ୍କାୟିତ ହୋଇଯାଉଥବା କଳାକୁ ପ୍ରସ୍ଫୁଟିତ କରିବା ବୋଲି ଶ୍ରୀ ସିଂ ଭୋଇ କହିଥିଲେ। ସେହିପରି ସଇଁତଳାର ପେଡ଼ା ରାଜ୍ୟରେ ନାମ କରିଥିବାବେଳେ ବର୍ତ୍ତମାନ ତାହା ଲୁକ୍କାୟିତ ହୋଇଯାଇଛି। ଯାହାକୁ ସମସ୍ତ ଅଞ୍ଚଳବାସୀ ଧ୍ୟାନ ଦେଇ ଓଡ଼ିଶାର ରସଗୋଲା ଯେଉଁଭଳି ଜିଆଇ ଟ୍ୟାଗ ପାଇ ଦେଶରେ ନାମ କରିଛି ସେହିଭଳି ସଇଁତଳା ପେଡ଼ା ମଧ୍ୟ ଦେଶରେ ନାମ କରିବା କଥା ବୋଲି ଶ୍ରୀ ମେହେର କହିଥିଲେ। ମୁଖ୍ୟବକ୍ତା ଶ୍ରୀ ରଥ ସଇଁତଳାର ନାମକୁ କେବଳ ଜିଲ୍ଲାରେ ନ ଜାଣି ଦେଶରେ ତଥା ବିଦେଶରେ କିଭଳୀ ଜନସାଧାରଣ ଜାଣିପାରିବେ ସେ ନେଇ ସମସ୍ତେ ଏକଜୁଟ ହୋଇ କାମ କରିବା କଥା ବୋଲି କହିଥିଲେ। ମହୋତ୍ସବରେ କେବଳ ବ୍ଲକ ଅଞ୍ଚଳର ଲୁକ୍କାୟିତ କଳା ସଂସ୍କୃତିକୁ ଉଦ୍‌ଜୀବିତ କରିବା ଉଦ୍ଦେଶ୍ୟ ନ ରଖି ଜିଲ୍ଲା ତଥା ଓଡ଼ିଶାର କଳା ସଂସ୍କୃତିକୁ ପରିସ୍ଫୁଟ କରିବା ଏହାର ମୂଳ ଲକ୍ଷ୍ୟ ରହିବା କଥା ବୋଲି ଶ୍ରୀ ରଥ କହିଥିଲେ। ଖୋର୍ଦ୍ଧା, କଟକ ସୁନ୍ଦରଗଡ଼ ଏବଂ ମୁରିବାହାଲ ବ୍ଲକର ହଳଦୀଗ୍ରାମର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଠାଗାର ସଭାପତି ଭୀମସେନ ସ୍ୱିଇ ଧନ୍ୟବାଦ ଜ୍ଞାପନ କରିଥିଲେ। ପାଠାଗାରର ଚନ୍ଦ୍ର ଚନ୍ଦନ, ରଜତ ପଟ୍ଟନାୟକ, ଅମରେଶ ସାହୁ, ଡା. ବିଶ୍ୱଜିତ ମିଶ୍ର, ନାରାୟଣ ଜାଲ, ବେନିଆବିନ ତାଣ୍ଡି, ବିନୟ ଭୋଇ, ସୋରାଜ ବୈଠାରୁ, ଦିନେଶ ଭୋଇ, ହେମସାଗର ସାହୁ, ରୋହିତାସ୍ୱ ନାଗ ଓ ପ୍ରସନ୍ନ ପକ୍ଷାୟତଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ସାମ୍ବାଦିକଙ୍କ ମାତୃ ବିୟୋଗ

**ବଲାଙ୍ଗିର,୨୧ା୧(ସମିସ):** ଦୈନିକ ଖବରକାଗଜ 'ସକାଳ'ର ଖପ୍ରାଖୋଲ ବ୍ଲକ ପ୍ରତିନିଧି ବିମଳରଞ୍ଜନ ସାହୁଙ୍କ ମା' ତଥା ଅବସରପ୍ରାପ୍ତ ଶିକ୍ଷକ ଯଦୁମଣୀ ସାହୁଙ୍କ ଧର୍ମପତ୍ନୀ ସ୍ନେହଲତା ସାହୁ(୭୨)ଙ୍କ ଖପ୍ରାଖୋଲସ୍ଥିତ ବାସଭବନରେ ମଙ୍ଗଳବାର ସନ୍ଧ୍ୟାରେ ବିୟୋଗ ଘଟିଛି। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ହେତୁ ସେ ଚିକିତ୍ସିତ ହେଉଥିଲେ। ଗତ ସୋମବାର ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସାଳୟରେ ଚିକିତ୍ସା କରି ଘରକୁ ଅଣାଯାଇଥିôଲା। ହେଲେ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କର ପରଲୋକ ଘଟିଛି। ଶେଷ ସମୟରେ ତାଙ୍କ ପାଖରେ ସ୍ୱାମୀ ଯାଦୁମଣୀ ସାହୁ, ବଡ଼ପୁଅ କମଳରଞ୍ଜନ ସାହୁ,



ବଡ଼ବୋହୂ କମଳିନୀ ସାହୁ, ମଝିଆ ପୁଅ ବିମଳରଞ୍ଜନ ସାହୁ, ବୋହୂ ରିତା ସାହୁ, ସାନଝିଅ ଜ୍ୟେସ୍ନାମୟୀ ସାହୁ, ଜ୍ୱାଇଁ ସଚିନ ସାହୁ, ନାତିନାତୁଣୀ ସ୍ମିତାରାଣୀ, ଅର୍ପିତା, ଆବାସ, ଅନ୍ୱେଷ କୁମାର, ସୋମ୍ୟରଞ୍ଜନ ଓ ରଶ୍ମିରଞ୍ଜନ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ସତ୍କାର କରାଯାଇଥିଲା। ବଡ଼ପୁଅ କମଳରଞ୍ଜନ ମୁଖାଗ୍ନି ଦେଇଥିଲେ। ସ୍ନେହଲତାଙ୍କ ବିୟୋଗରେ ପରିଜନ ମହଲରେ ଶୋକପ୍ରକାଶ ପାଇଛି। ତାଙ୍କର ଧର୍ମପରାୟଣତା, ମେଳାପୀ ଓ ମିଷ୍ଟଭାଷୀ ଚେହେରାଙ୍କୁ ସମସ୍ତେ ମନେ ପକାଉଛନ୍ତି। ତାଙ୍କର ବିୟୋଗରେ ଅଞ୍ଚଳର ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳୀ ଜଣାଇବା ସହିତ ଅମରଆତ୍ମାର ଶାନ୍ତି କାମନା କରିଛନ୍ତି।

### ମାଁ ପାଟଖଣ୍ଡ ଅଲ୍‌ଓଡ଼ିଶା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

# କଳାହାଣ୍ଡି ଇଲେଭେନ୍ ଷ୍ଟାର ୩-୦ ଗୋଲ୍‌ରେ ବିଜୟୀ



**ଦେଓଗାଁ,୨୧ା୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଜରାସିଂହା ଲାଲ ଜଗନ୍ନାଥ ପ୍ରସାଦ ମିନିଷ୍ଟାଡିୟମରେ ଚାଲିଥିବା ମା' ପାଟଖଣ୍ଡ ଫୁଟବଲ କପ୍ ଚତୁର୍ଥ ଦିବସରେ ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲ ଓ କଳାହାଣ୍ଡି ଇଲେଭେନଷ୍ଟାର ମଧ୍ୟରେ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ୩.୦ ଗୋଲରେ କଳାହାଣ୍ଡି ଇଲେଭେନଷ୍ଟାର ଦଳ ବିଜୟୀ ହୋଇଛି। ଜିତୁ ପାତ୍ରଙ୍କ ତତ୍ତ୍ୱାବଧାନରେ ଖେଳକୁ ସଞ୍ଜନ କୁଦେଇ, ସଞ୍ଜୀବ ମହାରଣା, ଲୋକନାଥ ଦଣ୍ଡସେନା, ଖେଳ କମିଶନର ସୁଶାନ୍ତ ଥନାପତି ପରିଚାଳନା କରିଥିଲେ।

ଭୋଲା ପଥିମାଲି ଧାରା ବିବରଣୀ ପ୍ରଦାନ କରିଥିଲେ। କମିଟି ସଭାପତି କରୁଣାକର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନଧି ଖମାରୀ, ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ସମିତିସଭ୍ୟ ଅମିତ ତ୍ରିପାଠୀ, ସରପଞ୍ଚ କୁଶମଣୀ ମେହେର, ସମାଜସେବୀ ଅନ୍ତର୍ଯ୍ୟାମୀ ଭୋଇ, ଉଜ୍ଜ୍ୱଳ ଝାଙ୍କର, ସନ୍ତୋଷ ଥନାପତି ଓ ପ୍ରମୋଦ ସିଂନିନା ପ୍ରମୁଖ ଯୋଗଦେଇଥିଲେ। ଅବସରରେ ମରଣୋତ୍ତର ଶ୍ରଦ୍ଧା ସମ୍ମାନ ବାସୁଦେବ ମେହେରଙ୍କ ପୁଅ ନନ୍ଦି ମେହେରଙ୍କୁ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଖେଳାଳୀ ଭାବେ ପପୁ ମାଝୀଙ୍କୁ ସମ୍ମାନିତ କରାଯାଇଥିଲା। ଫୁଟବଲ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ବିଏନଏଏର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି। ବୁଧବାର ସୋନପୁର ଫ୍ରେଣ୍ଡସ କ୍ଲବ ଓ ଫୁଲବାଣୀ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଲିଗ୍ ମ୍ୟାଚ ଅନୁଷ୍ଠିତ ହେବ।

## ଅବଶିଷ୍ଟାଂଶ...

### ପ୍ରଥମ ଦିନରୁ...

ଟ୍ରମ୍ପ ଦ୍ୱିତୀୟଥର ପାଇଁ କ୍ଷମତା ଦଖଲ କରିବାକୁ ନେଇ ଯେଉଁ କେତେକ ଦେଶର ଲୋକମାନେ ଖୁସି ମନାଇଥିଲେ ସେମାନଙ୍କ ମଧ୍ୟରୁ ଭାରତୀୟମାନେ ସବୁଠୁ ଆଗରେ ଥିଲେ । ଟ୍ରମ୍ପଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ଏବଂ ଟ୍ରମ୍ପ ପ୍ରଶାସନରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଭାରତୀୟ ବଂଶୋଦ୍ଭବଙ୍କୁ ସୁଯୋଗ ଦିଆଯିବା ଘଟଣା ଭାରତୀମାନଙ୍କୁ ଖୁସି କରିଥିଲା । କିନ୍ତୁ ଟ୍ରମ୍ପ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଯେଉଁଭଳି ଆଭିମୁଖ୍ୟ ଗ୍ରହଣ କରିଛନ୍ତି, ତାହା ଭାରତ ପାଇଁ ଅନେକ କ୍ଷେତ୍ରରେ ପ୍ରତିକୂଳ ସ୍ଥିତି ସୃଷ୍ଟି କରିବାର ଆଶଙ୍କା ବଢ଼ାଇଛି । ବ୍ରିକ୍ସ ରାଷ୍ଟ୍ରମାନଙ୍କ ବିରୋଧରେ ଶତପ୍ରତିଶତ ଶୁଳ୍କ ଲାଗୁ କରିବାକୁ ଟ୍ରମ୍ପ ନିଷ୍ପତ୍ତି ନେଇଥିବାରୁ ଭାରତ ବ୍ରିକ୍ସର ଅନ୍ୟତମ ସଦସ୍ୟ ରାଷ୍ଟ୍ର ଭାବେ ଭୀଷଣ ସମସ୍ୟାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି ।

ସେହିପରି ଆମେରିକାରେ ବେଆଇନ ଭାବେ ବସବାସ କରୁଥିବା ବିଦେଶୀ ଲୋକଙ୍କୁ ବିଦା କରିବାକୁ ଟ୍ରମ୍ପ ପ୍ରଶାସନ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ମଧ୍ୟ ଭାରତୀୟମାନଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ । ଆମେରିକାର ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଆମେରିକାରେ ଯେଉଁମାନେ ଜନ୍ମଗ୍ରହଣ କରିଥିବେ ସେମାନଙ୍କୁ ଆପେଆପେ ଆମେରିକାର ନାଗରିକତ୍ୱ ମିଳିଯିବ । କିନ୍ତୁ ଏହି ବ୍ୟବସ୍ଥାକୁ ଉଚ୍ଛେଦ କରିଛନ୍ତି ଟ୍ରମ୍ପ । ଫଳରେ ଆମେରିକାରେ ବେଆଇନ ଭାବେ ରହୁଥିବା ଭାରତୀୟ ବିଦା ହେବେ । କେବଳ ଏତିକି ନୁହେଁ ଆମେରିକା ମାଟିରେ ସେମାନଙ୍କ ଠାରୁ ଜନ୍ମ ନେଇଥିବା ପିଲାମାନଙ୍କୁ ମଧ୍ୟ ବିତାଡ଼ିତ କରାଯିବ । ଏହାଦ୍ୱାରା ଲକ୍ଷାଧିକ ଭାରତୀୟ ବିଦା ହେବା ନିଶ୍ଚିତ । ଆମେରିକାରେ ଏବେ ୫୦ ଲକ୍ଷ ଭାରତୀୟ ଆମେରିକୀୟ ବସବାସ କରୁଛନ୍ତି । ସେମାନଙ୍କ ମଧ୍ୟରୁ ୩୪ ଭାଗ ଆମେରିକାର ନାଗରିକତ୍ୱ ପାଇ ସାରିଛନ୍ତି । ଅବଶିଷ୍ଟ ୬୦ ଭାଗ ଭାରତୀୟ ହେଉଛନ୍ତି ଶରଣାର୍ଥୀ । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ସ୍ୱୀକୃତି ମିଳିନାହିଁ ଏବଂ ଆବେଦନ କରି ସେମାନେ ସ୍ୱୀକୃତି ଅପେକ୍ଷାରେ ଅଛନ୍ତି । ଅଧିକାଂଶ ଭାରତୀୟ ଏଚ୍-୧ ଭିସା ନେଇ ଆମେରିକାରେ କାମ କରୁଛନ୍ତି । କିନ୍ତୁ ଆମେରିକାରେ ଜନ୍ମ ।।ହୋଇଥିବା ।।ସେମାନଙ୍କର ପିଲାମାନଙ୍କୁ ନାଗରିକତ୍ୱ ମିଳିବ ନାହିଁ ।

ଆମେରିକାରେ ବେଆଇନ ଭାବେ ବସବାସ କରୁଥିବା ପ୍ରାୟ ୧୮ ହଜାର ଭାରତୀୟଙ୍କୁ ଉଭୟ ଦେଶ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଚିହ୍ନଟ କରାଯାଇଥିଲା ବେଳେ ଏବେ ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିବାକୁ ଭାରତ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ବର୍ତ୍ତମାନ ଆମେରିକାରେ ବେଆଇନ ଭାବେ କେତେ ସଂଖ୍ୟାରେ ଭାରତୀୟମାନେ ବସବାସ କରୁଛନ୍ତି ତାହା ସ୍ପଷ୍ଟ ହୋଇ ନାହିଁ । ଆଉ ଏକ ଉଲ୍ଲେଖନୀୟ କଥା ହେଲା ଯେ ଟ୍ରମ୍ପଙ୍କ ଏଭଳି ନିର୍ଦ୍ଦେଶ ପରେ ଜନ୍ମ ପର୍ଯ୍ୟଟନ ବା ବାର୍ଥ ଟୁରିଜିମ୍ ର ଅବସାନ ଘଟିବ । ଆମେରିକା ମାଟିରେ ଜନ୍ମ ହେଉଥିବା ପିଲାମାନଙ୍କୁ ଆପେଆପେ ନାଗରିକତ୍ୱ ମିଳୁଥିବାରୁ ଭାରତ ସମେତ ଅନେକ ବିଦେଶୀ ଲୋକ ଆମେରିକା ଯାଇ ସେଠାରେ ପିଲା ଜନ୍ମ କରୁଥିଲେ । ଟ୍ରମ୍ପ ବ୍ରିକ୍ସ ଦେଶମାନଙ୍କୁ ନାଲିଆଖି ଦେଖାଇଛନ୍ତି । ଯଦି ବ୍ରିକ୍ସ ଦେଶଗୁଡ଼ିକ ବାଣିଜ୍ୟ କାରବାର ପାଇଁ ଭିନ୍ନ ମୁଦ୍ରା ଆଣିବେ ତେବେ ସେମାନେ ପରିଣାମ ଭୋଗିବେ ବୋଲି ସେ ଧମକ ଦେଇଛନ୍ତି । ଆମେରିକା ସେମାନଙ୍କ ଉପରେ ଶତ ପ୍ରତିଶତ ଶୁଳ୍କ ଲାଗୁ କରିବ । ଏମିତିକି ଭିନ୍ନ ମୁଦ୍ରା ଆଣିବା ସମ୍ପର୍କରେ ଯଦି ବ୍ରିକ୍ସ ରାଷ୍ଟ୍ର ଚିନ୍ତା ବି କରନ୍ତି, ତେବେ ସେମାନଙ୍କ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଯିବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି । ଟ୍ରମ୍ପଙ୍କ ଧମକ ପରେ ଭାରତ ଏହି ପ୍ରସଙ୍ଗରେ ବେଶ ସତର୍କତା ଅବଲମ୍ବନ କରୁଛି । ଭାରତର କହିବା ହେଉଛି ଯେ ବ୍ରିକ୍ସ ମୁଦ୍ରା ଆପଣାଇଲେ ଦେଶର ଆର୍ଥିକ ସ୍ଥିତି ଉପରେ ତାହାର ପ୍ରତିକୂଳ ପ୍ରଭାବ ପଡିପାରେ ।

### ୧୬ ମାଓବାଦୀ...

ମାଧ୍ୟମରେ ଏହି ଜଙ୍ଗଲରେ ଲୁଚି ରହିଥିବା ନକ୍ସଲମାନଙ୍କୁ ସୁରକ୍ଷାକର୍ମୀମାନେ ଖୋଜି ଖୋଜି ଏନକାଉଣ୍ଟର କରୁଥିବା ଜଣାପଡ଼ିଛି । କିଛି ଦିନ ତଳେ ବସ୍ତରରେ ପୁଲିସ ଏବଂ ନକ୍ସଲମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା ବେଳେ ସେହି ଅଞ୍ଚଳରେ ରହିଥିବା ନକ୍ସଲମାନେ ଅନ୍ୟତ୍ର ଚାଲି ଆସି ଏକ ସୁରକ୍ଷିତ ସ୍ଥାନରେ ଆତ୍ମଗୋପନ ପାଇଁ ଯୋଜନା କରିଥିଲେ । ସେହି ଅନୁସାରେ ଟପ୍ ନକ୍ସଲ କମାଣ୍ଡର ଜୟରାମ ଓରଫ ଛଲପତିଙ୍କ ନେତୃତ୍ୱରେ ଛତିଶଗଡ଼ର ଗରିଆବନ୍ଧ ଅଞ୍ଚଳରେ ବହୁ ସଂଖ୍ୟାରେ ନକ୍ସଲମାନେ ଏକତ୍ରିତ ହୋଇଥିଲେ । ଓଡ଼ିଶାର ନୂଆପଡ଼ା ଜିଲ୍ଲାକୁ ଲାଗି ରହିଥିବା ଛତିଶଗଡ଼ର ଏହି ଅଞ୍ଚଳରେ ବହୁ ସଂଖ୍ୟାରେ ନକ୍ସଲଙ୍କ ଆଗମନ ହୋଇଥିବା ସୂଚନା ମିଳିବା ପରେ ଦୁଇ ରାଜ୍ୟ ପୁଲିସ ପକ୍ଷରୁ ମିଳିତ ଅଭିଯାନ କରାଯାଇଥିଲା । ତେବେ ଏହି ଅଭିଯାନରେ ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଏବଂ ଛତିଶଗଡ଼ରେ ପ୍ରଭାବ ବିସ୍ତାର କରିଥିବା ଶୀର୍ଷ କମାଣ୍ଡର ଜୟରାମ ନିହତ ହେବା ଘଟଣା ସୁରକ୍ଷାକର୍ମୀଙ୍କ ପାଇଁ ବଡ଼ ସଫଳତା ଆଣି ଦେଇଛି । ଆଜିର ଏହି ସଫଳତା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ନିଜର ପ୍ରତିକ୍ରିୟା ରଖିବା ସହିତ ଦେଶରେ ନକ୍ସଲବାଦର ସମୟ ଶେଷ ହେବାକୁ ଯାଉଛି ବୋଲି କହିଛନ୍ତି ।

ସୋମବାର ନକ୍ସଲ ଦମନ ଅଭିଯାନରେ ଦୁର୍ଦ୍ଦାନ୍ତ ନକ୍ସଲ କମାଣ୍ଡର ଛଲପତିର ମୃତ୍ୟୁ ଘଟଣା ନକ୍ସଲ ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା ବେଳେ ସୁରକ୍ଷାବଳର ମନୋବଳକୁ ଆହୁରି ସୁଦୃଢ଼ କରିଛି । ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିବା ଜୟରାମ ଓରଫ ଛଲପତି ବିଗତ ୨୭ ବର୍ଷ ଧରି ନକ୍ସଲବାଦ କାର୍ଯ୍ୟକଳାପରେ ଲିପ୍ତ ରହିଥିଲା ବେଳେ ଆନ୍ଧ୍ର ଏବଂ ଓଡ଼ିଶା ସୀମାରେ ଅନେକ ଦିନ ରହି ସକ୍ରିୟ ରହିଥିଲା । ବିଗତ କିଛି ମାସ ହେଲା ସେ ସିପିଆଇ(ଏମ) କେନ୍ଦ୍ରୀୟ କମିଟିର ସଦସ୍ୟ ଭାବେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ପ୍ରମୁଖ ଭୂମିକା ନିଭାଇ ଆସୁଥିଲା ।

### ବିଜେପିରେ ଅଛୁଆଁ...

ଗଠନ କରିଥିଲା । ନିର୍ବାଚନରେ ଅନ୍ୟ ଦଳରୁ ଆସିଥିବା ପ୍ରଶାନ୍ତ ଜଗଦେବ, ସୀମାରାଣି ନାଏକ, ସୁକାନ୍ତ ଖଟୁଆ, ଆକାଶ ଦାସ ନାୟକ, ଅମରେନ୍ଦ୍ର ଦାସ, ସିଦ୍ଧାନ୍ତ ମହାପାତ୍ର, ରଘୁରାମ ମାଛଙ୍କ ପରି ଟାଣୁଆ ନେତା ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ମନ୍ତ୍ରିମଣ୍ଡଳରେ ଏମାନଙ୍କ ମଧ୍ୟରୁ ଜଣେହେଲେ ନେତାଙ୍କୁ ସୁଯୋଗ ମିଳିନଥିଲା । ଯଥେଷ୍ଟ ଅଭିଜ୍ଞତା ଥିଲେ ହେଁ କେବଳ ଅନ୍ୟ ଦଳରୁ ଆସିଥିବାରୁ ସେମାନଙ୍କୁ ସରକାରରେ ସୁଯୋଗ ମିଳିନଥିବା ସେତେବେଳେ ରାଜନୈତିକ ବିଶେଷଜ୍ଞମାନେ ଆକଳନ କରିଥିଲେ ।

ବର୍ତ୍ତମାନ ରାଜ୍ୟରେ ବିଜେପିର ସାଂଗଠନିକ ନିର୍ବାଚନ ଚାଲିଥିବା ବେଳେ ଜିଲ୍ଲା ସଭାପତି ଚୟନ ବେଳେ ଦଳ ଆପଣେଇଥିବା ମାପକାଠି ଏହି ଆକଳନକୁ ବଳ ଦେଉଛି । ଏକାଧିକ ସ୍ଥାନରେ ଜିଲ୍ଲା ସଭାପତି ଚୟନ ବେଳେ ରାଜ୍ୟ ନେତୃତ୍ୱ ଅନ୍ୟ ଦଳରୁ ଆସିଥିବା ନେତାଙ୍କ ନାମକୁ କାଟି ଦେଇଥିବା ଭିତିରି ସୂତ୍ରରୁ ସୂଚନା ମିଳିଛି । ଖୋର୍ଦ୍ଧା, ଗଞ୍ଜାମ ପରି ଜିଲ୍ଲାରେ ଅନ୍ୟ ଦଳରୁ ଆସିଥିବା ନେତାଙ୍କ ପାଇଁ ଦଳର ଛାମୁଆ ନେତାମାନେ ଲବି କରିଥିଲେ ହେଁ ଶେଷ ମୁହୂର୍ତ୍ତରେ ଏହା କାଟ୍ ଖାଇଛି । ଏପରିକି ଖୋର୍ଦ୍ଧାରେ ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ପ୍ରଥମେ ମନ୍ତ୍ରୀ, ପରେ ଜିଲ୍ଲା ସଭାପତି କରିବା ପାଇଁ ଭୁବନେଶ୍ୱର ସାଂସଦଙ୍କ ଗୋଷ୍ଠୀ ଉଦ୍ୟମ କରିଥିଲେ ହେଁ ତାଙ୍କ ନାମକୁ ଶୀର୍ଷ ନେତୃତ୍ୱ ସିଧାସିଧା କାଟି ଦେଇଛନ୍ତି । ପ୍ରଶାନ୍ତଙ୍କ ସ୍ଥାନରେ ଦଳ ବିଶ୍ୱରଞ୍ଜନ ବଡଜେନାଙ୍କୁ ଜିଲ୍ଲା ସଭାପତି କରିବାକୁ ସ୍ଥିର କରିଥିବା ଶୁଣିବାକୁ ମିଳୁଛି ।

ଦଳଡିଆଁଙ୍କ ପ୍ରତି ବିଜେପିର ଆଡ଼ ନଜର ଏଇଠି ସରୁନାହିଁ । ଏପରିକି ଅଭିଜ୍ଞ ସାଂସଦ ଭର୍ତ୍ତୃହରି ମହତାବ ଓ ପ୍ରଦୀପ ପାଣିଗ୍ରାହୀ ଏନେଇ ଘୋର ମନସ୍ତାପରେ ଥିବାନେଇ ତାଙ୍କ ପାଖଲୋକେ କହୁଛନ୍ତି । ଅପରପକ୍ଷେ ଆଗକୁ ନିଗମ, ବୋର୍ଡ ପଦରେ ନିଯୁକ୍ତି ଦିଆଯିବାକୁ ଥିବାବେଳେ ଏଠାରେ ମଧ୍ୟ ଦଳ ସମାନ ତରିକା ଆପଣାଇପାରେ । ଦଳର ଏକାଧିକ ଗୋଷ୍ଠୀ ନିଜ ଅନୁଗତଙ୍କ ପାଇଁ ନିଗମ ପଦବୀ ହାତେଇବାକୁ ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ଲବି ଚଳାଇଛନ୍ତି । ତେବେ ନିଗମ, ବୋର୍ଡରେ ନିଯୁକ୍ତି ଦେବା ସମୟରେ ଦଳୀୟ ଆନୁଗତ୍ୟ, ଦଳ ପ୍ରତି ନିଷ୍ଠା ସର୍ବୋପରି ଦଳରେ କାର୍ଯ୍ୟ କରିବାର ଅଭିଜ୍ଞତାକୁ ଗୁରୁତ୍ୱ ଦେବାକୁ ଶୀର୍ଷ ନେତୃତ୍ୱ ପରାମର୍ଶ ଦେଇଛନ୍ତି । ସମୀର ରଞ୍ଜନ ଦାସ, ଅରିନ୍ଦମ ରାୟଙ୍କ ପରି କିଛି ନେତାଙ୍କୁ ଛାଡ଼ିଦେଲେ ଅନ୍ୟ ଦଳଡିଆଁଙ୍କୁ କୌଣସି ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିନପାରେ ବୋଲି ଦଳ ଭିତରେ ଆଲୋଚନା ହେଲାଣି । ଏହାକୁ ନେଇ ଦଳଡିଆଁ ନେତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଥିବା ବେଳେ ସେମାନଙ୍କୁ ବିଜେପି କିପରି ଥଇଥାନ କରୁଛି, ତାହାକୁ ନେଇ ରାଜନୈତିକ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଲାଣି । ସେମାନଙ୍କୁ ଯଦି ସମ୍ମାନର ସହ ଥଇଥାନ କରାନଯାଏ, ତାହେଲେ ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳକୁ କ୍ଷତି ପହଞ୍ଚିପାରେ ବୋଲି ଦଳଡିଆଁଙ୍କ ପାଖଲୋକ ଧମକ ଦେବା ଆରମ୍ଭ କଲେଣି ।

### ଫେବୃଆରୀ ୧୩ରୁ...

ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ । ୧୬ ତାରିଖ ରବିବାର ଛୁଟି ଥିବାବେଳେ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ । ୧୮ରେ ସରକାରୀ କାର୍ଯ୍ୟଦିବସ ଥିବାବେଳେ ୧୯ରେ ପ୍ରାଇଭେଟ୍ ମେମ୍ବର୍ସ ବିଜିନେସ୍ ଏବଂ ୨୦ ଓ ୨୧ରେ ବଜେଟ ଉପରେ ଆଲୋଚନା ଆରମ୍ଭ ହେବ । ଏହାପରେ ଫେବୃଆରୀ ୨୨ରୁ ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ବନ୍ଦ ରହିବ ।

ଦ୍ୱିତୀୟ ପର୍ଯ୍ୟାୟରେ ଗୃହ କାର୍ଯ୍ୟ ମାର୍ଚ୍ଚ ୭ତାରିଖରୁ ଆରମ୍ଭ ହେବ । ସେହିଦିନ ବିଭାଗୀୟ ଷ୍ଟାଣ୍ଡିଂ କମିଟି ରିପୋର୍ଟମାନ ଗୃହରେ ଆଗତ ହେବ । ଏହାପରେ ମାର୍ଚ୍ଚ ୧୦ରୁ ବିଭାଗୱାରି ଅନୁଦାନ ଦାବି ପ୍ରସ୍ତାବ ଉପରେ ଆଲୋଚନା ହେବାକୁ ଥିବାବେଳେ ମାର୍ଚ୍ଚ ୨୯ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ଗୃହରେ ଆଗତ ହେବ ବୋଲି କାର୍ଯ୍ୟସୂଚୀରେ ଉଲ୍ଲେଖ ରହିଛି ।

### ଖର୍ଚ୍ଚ ହୋଇପାରୁନି...

ହେଉଛି । ତେଣୁ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ପାଇଁ ସକ୍ରିୟ ପଦକ୍ଷେପ ନେବାରେ ଅତ୍ୟନ୍ତ ଆବଶ୍ୟକତା ରହିଛି । ଅବ୍ୟବହୃତ ପାଣ୍ଠିକୁ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳଗୁଡ଼ିକୁ ସୁଦୃଢ଼ କରିବା ଭଳି ଅତ୍ୟାବଶ୍ୟକୀୟ ପ୍ରକଳ୍ପ ପାଇଁ ବ୍ୟବହାର କରାଯାଇପାରିଥାନ୍ତା । ଯାହା ବିପର୍ଯ୍ୟୟ ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାରେ ସହାୟକ ହୋଇଥାନ୍ତି । ସେହିପରି ପ୍ରାକ୍ ଚେତାବନୀ ବ୍ୟବସ୍ଥାକୁ ଉନ୍ନତକରଣ, ପାଣିପାଗ ଏବଂ ସତର୍କୀକରଣ ଭିତ୍ତିଭୂମିକୁ ବୃଦ୍ଧି କରିବା ସହିତ ସରକାର ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଜଳ ନିଷ୍କାସନ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ମଧ୍ୟ ଏହି ଅର୍ଥ ବିନିଯୋଗ ହୋଇପାରିଥାନ୍ତା । ବିଭାଗୀୟ ସୂତ୍ର ଅନୁଯାୟୀ ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ବିକାଶ, ଗୃହ ଏବଂ ନଗର ଉନ୍ନୟନ ଭଳି ବିଭାଗ ଦ୍ୱାରା ପଠାଯାଇଥିବା ଅନେକ ପ୍ରସ୍ତାବକୁ ଯାଞ୍ଚ କରିବାରେ ବିଳମ୍ବ ହେଉଛି । ଏହାସହିତ ନିର୍ଦ୍ଦେଶାବଳୀର ଉଲ୍ଲଂଘନ ଏବଂ ମୂଲ୍ୟ ବୃଦ୍ଧି ସମେତ ବିଭିନ୍ନ କାରଣ ଯୋଗୁଁ ମାସ ମାସ ଧରି ପ୍ରସ୍ତାବଗୁଡ଼ିକ ଅନୁମୋଦନ ପାଇଁ ପଡ଼ି ରହୁଛି । ନିକଟରେ ବନ୍ୟା-ପ୍ରତିରୋଧୀ ରାସ୍ତା ନିର୍ମାଣ ପାଇଁ ୨୫୪ କୋଟି ଟଙ୍କାର ଗ୍ରାମ୍ୟ ନିର୍ମାଣ ପ୍ରସ୍ତାବକୁ ପୁଣି ଥରେ ସମୀକ୍ଷା କରିବା ଏବଂ ଏସ୍‌ଡିଏମ୍‌ଏଫ୍ ନିର୍ଦ୍ଦେଶାବଳୀ ଅନୁପାଳନ କରି ଆବଶ୍ୟକ ସଂଶୋଧନ ପରେ ଏହାକୁ ପୁନର୍ବାର ଦାଖଲ ପରାମର୍ଶ ସହିତ ଫାଇଲକୁ ଫେରସ୍ତ କରାଯାଇଛି । ସେହିପରି ବଲାଙ୍ଗିର, ବରଗଡ଼, କଳାହାଣ୍ଡି ଏବଂ ନୂଆପଡ଼ା ଜିଲ୍ଲାର ୨୦ଟି ବ୍ଲକର ମରୁଡ଼ି ପ୍ରମାଣୀକରଣ ପାଇଁ ପଞ୍ଚାୟତିରାଜ ବିଭାଗ ଦେଇଥିବା ପ୍ରାୟ ୨୦.୧୪ କୋଟି ଟଙ୍କାର ଆଉ ଏକ ପ୍ରସ୍ତାବ ମଧ୍ୟ ବିଚାରାଧୀନ ରହିଛି । କାରଣ ପ୍ରସ୍ତାବରେ ମୁଖ୍ୟତଃ ଚେକ୍ ଡ୍ୟାମ୍ ନିର୍ମାଣ ଅନ୍ତର୍ଭୁକ୍ତ ରହିଥିବା ବେଳେ ଏଥିରେ ହେବାକୁ ଥିବା ଖର୍ଚ୍ଚର ଉପକାରିତା ବିଶ୍ଳେଷଣ କରାଯାଇ ନାହିଁ । ଏଭଳି କିଛି ସମସ୍ୟା ପାଇଁ ଏହି ଅର୍ଥ ଖର୍ଚ୍ଚ କରିବାରେ ବିଳମ୍ବ ହେଉଥିବା ଜଣାପଡ଼ିଛି । ରାଜ୍ୟ ସରକାର ପୂର୍ବରୁ ପ୍ରଦାନ କରାଯାଇଥିବା ପାଣ୍ଠିର ତୁରନ୍ତ ବ୍ୟବହାର ଏବଂ ଯଥାଶୀଘ୍ର ବ୍ୟବହାର ପ୍ରମାଣପତ୍ର ଦାଖଲ କରିବାକୁ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଥିବା ବେଳେ ଏହି ପାଣ୍ଠି ପାଇଁ ଜାତୀୟ ନିର୍ଦ୍ଦେଶାବଳୀକୁ ସଠିକ୍ ଭାବରେ ଅନୁସରଣ କରି ପ୍ରସ୍ତାବ ଦାଖଲ କରିବା ପାଇଁ ସବୁ ବିଭାଗକୁ କୁହାଯାଇଥିବା ଜଣାପଡ଼ିଛି ।

### ବେକାବୁ ପରେ...

ସପ୍ତାହେରୁ ଅଧିକ ସମୟ ହେଲା କଣାସ ବ୍ଲକ୍‌ରେ ନଦୀ-ପୋଖରୀର ଦୂଷିତ ପାଣି ପିଇ ଝାଡ଼ାବାନ୍ତି ବ୍ୟାପିଲାଣି । ଚାରି ଦିନ ହେଲାଣି ମୃତ୍ୟୁର ଅଭିଯୋଗ ଆସୁଛି । କିନ୍ତୁ ସରକାର କୌଣସି ତତ୍ପରତା ଦେଖାଇ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ନା' ଭଲ ପାଣି ଦିଆଗଲା ନା' ଆକ୍ରାନ୍ତଙ୍କ ଚିକିତ୍ସା ଏବଂ ଜଳ ବିଶୋଧନ ପାଇଁ ଠୋସ୍ ପଦକ୍ଷେପ ନିଆଗଲା । ବ୍ଲକ୍ ସ୍ତରୀୟ ଅଧିକାରୀଙ୍କ ଉପରେ ସରକାର ଦାୟିତ୍ୱ ଛାଡ଼ି ଦେଇ କାମ ସାରିଦେଲେ । ପରିତାପର ବିଷୟ, ଝାଡ଼ାବାନ୍ତି ପାନୀୟ ଜଳ ଅଭାବ ପାଇଁ ନୁହେଁ; ବରଂ ଭୋଜିଭାତ ପାଇଁ ବ୍ୟାପୁଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଗଲା । ସତ୍ୟକୁ ସ୍ୱୀକାର କରିବା ପରିବର୍ତ୍ତେ ଏହି ଆଳରେ ଲୋକଙ୍କ ବିବାହ ଭୋଜି ଆୟୋଜନ ଉପରେ ପ୍ରଶାସନ ଅଙ୍କୁଶ ଲଗାଇ ଦେଇଛି । ଦୁଇ ଦିନ ତଳେ ପୁରୀ ସାଂସଦ ସେଠାକୁ ଯାଇ ସ୍ଥିତି ସମୀକ୍ଷା କରି ଫେରିଗଲେ । କିନ୍ତୁ ତାହା ପରିସ୍ଥିତିରେ ସୁଧାର ଆଣିପାରିଲା ନାହିଁ ।

ସାଧାରଣରେ ସମାଲୋଚନା ଓ ଜନଅସନ୍ତୋଷ ପରେ ଆଜି ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ଡାକ୍ତରୀ ଦଳ ମଙ୍ଗଳବାର ସ୍ଥାନୀୟ ଅଞ୍ଚଳରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଆରମ୍ଭ କରିଛି । ଜଳ ବିଶୋଧନ କାମ ବି ଚାଲିଛି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, କଣାସରେ ଝାଡ଼ାବାନ୍ତି ପାଇଁ ଜଣେ ମୃତ୍ୟୁବରଣ କରିଛନ୍ତି । ବାକି ତିନି ଜଣ ଅନ୍ୟ କାରଣ ପାଇଁ ପ୍ରାଣ ହରାଇଛନ୍ତି । ଏହା ଉପରେ ତଦନ୍ତ କରାଯାଉଛି ।

### ଟିଟିଲାଗଡ଼ ଷ୍ଟେସନ୍‌ରୁ...

ଆତ୍ମଗୋପନ କରୁଥିଲା । ସେହିପରି ଏହି ଘଟଣାରେ ସଂପୃକ୍ତ ଅନ୍ୟତମ ଅଭିଯୁକ୍ତ ରାହୁଲ ଭୋଷାଗରକୁ ବି ପୁଲିସ୍ ଗିରଫ କରିଛି । ତା' ଘର ବରଗଡ଼ ଜିଲ୍ଲା ଧାଙ୍ଗେର ଅଞ୍ଚଳରେ ବୋଲି ଜଣାଯାଇଛି । ଆଜିର ଏହି ୨ ଗିରଫଦାରୀକୁ ମିଶାଇ ଏହି ଘଟଣାରେ ପୁଲିସ୍ ବର୍ତ୍ତମାନ ସୁଦ୍ଧା ମୋଟ ୫ ଜଣଙ୍କୁ ଗିରଫ କରିସାରିଲାଣି । ଏହି ଘଟଣାରେ ପୁଲିସ୍ ଗତକାଲି ଫୋଟକା ଅଞ୍ଚଳର ସର୍ଜନ ଡନସନା ଓ ପ୍ରହ୍ଲାଦ ଦାଶ ଏବଂ ଧୁମାଭଟା ଅଞ୍ଚଳର ଜୟକୃଷ୍ଣ ଡନସନାକୁ ଗିରଫ କରିଥିଲା । ଗତକାଲି ଆଇଜି ହିମାଂଶୁ ଲାଲ,ବରଗଡ଼ ଏସପି ପ୍ରହ୍ଲାଦ ମୀନା,ପଦ୍ମପୁର ଏସଡିପିଓ ଅମ୍ରିତ ପାଲ୍ କୌରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭ଟି ଟିମ୍ ଗଠନ କରାଯାଇଥିଲା ।

### ୪ ଡିଗ୍ରୀ ବଢ଼ିବ...

ଓ ଆକାଶ ନିର୍ମଳ ରହିବା ସହ ବାୟୁ ଚଳାଚଳ ନିଷ୍କ୍ରିୟ ରହିବ । ଫଳରେ ରାଜ୍ୟରେ ଘନକୁହୁଡି ପାଇଁ ପାଗ ଅନୁକୂଳ ହେବ ।

ଏହି କ୍ରମରେ ବୁଧବାର ରାତିରୁ ଗୁରୁବାର ସକାଳ ମଧ୍ୟରେ ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧାରେ ଘନ କୁହୁଡ଼ି ଆଶଙ୍କା କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି । ସେହିପରି ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଭଦ୍ରକ, ବାଲେଶ୍ୱର, ଯାଜପୁର, ଅନୁଗୁଳ, ଢେଙ୍କାନାଳ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ ମଧ୍ୟମଧରଣର କୁହୁଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର କହିଛି । କୁହୁଡ଼ି ସତର୍କତାକୁ ଦୃଷ୍ଟିରେ ରଖି ସମସ୍ତ ଜିଲ୍ଲାପାଳଙ୍କୁ ଏସ୍‌ଆର୍‌ସି ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି ରାଜପଥଗୁଡ଼ିକରେ ଦୁର୍ଘଟଣା ଏଡ଼ାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲା ଏସ୍‌ପି ଓ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ପାହାଡ଼ିଆ ଅଞ୍ଚଳ ଭାବରେ ଜି. ଉଦୟଗିରିରେ ସର୍ବନିମ୍ନ ୪.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ସମତଳ ଅଞ୍ଚଳ ଭାବରେ ଫୁଲବାଣୀରେ ୭.୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।

## ସାଧାରଣତନ୍ତ୍ର ଦିବସରେ ୨୦ ଜଣଙ୍କୁ ରାଜ୍ୟପାଳ ପଦକ

**ଭୁବନେଶ୍ୱର,୨୧।୧(ସମିସ):** ଉତ୍ତମ ସେବା ଏବଂ କାର୍ଯ୍ୟ ଦକ୍ଷତା ପାଇଁ ୨୦ ଜଣ ପୁଲିସ ଅଧିକାରୀଙ୍କୁ ସାଧାରଣତନ୍ତ୍ର ଦିବସରେ ରାଜ୍ୟପାଳ ପଦକ ମିଳିବ । ଏନେଇ ଗୃହ ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ କରାଯାଇଛି । ଆଇପିଏସ୍ ବର୍ଗରେ ଅଗ୍ନିଶମ ବିଭାଗ ଏବଂ ଗୃହରକ୍ଷୀ ବିଭାଗର ଆଇଜି ଦୀପକ କୁମାର, ଏବଂ ବ୍ରହ୍ମପୁର ଏସ୍‌ଆର ଥିବା ଡିଆଇଜି ସାର୍ଥକ ଷଡ଼ଙ୍ଗୀ, ଝାରସୁଗୁଡ଼ା ଏସ୍‌ପି ପରମାର ସ୍ମିତ ପୁରୁଷୋତ୍ତମ ଦାସ, କଟକ ୬ ବାଲାଲିୟନ୍‌ର କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ । ସେହିପରି କଟକ ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ସୁଶାନ୍ତ କୁମାର ବିଶ୍ୱାଳ, ଗଞ୍ଜାମ ଅତିରିକ୍ତ ଏସ୍‌ପି ରାଜୀବଲୋଚନ ପଣ୍ଡା, କ୍ରାଇମ୍‌ବ୍ରାଞ୍ଚ ଇନ୍ସପେକ୍ଟର ଶ୍ରଦ୍ଧାଞ୍ଜଳି ପଣ୍ଡା, ଭୁବନେଶ୍ୱର ବିପିଏସ୍‌ପିଏ ଇନ୍ସପେକ୍ଟର ଅନିଲ କୁମାର ମିଞ୍ଜ, ସମ୍ବଲପୁର ଭିଜିଲାନ୍ସ ଡିଭିଜନର ଇନ୍ସପେକ୍ଟର ତୁଷାରକାନ୍ତ ମହାପାତ୍ରଙ୍କ ନାମ ଚୟନ କରାଯାଇଛି । ସେହିପରି ଯାଜପୁର ପିଟିଆଇର ଏସ୍‌ଆଇ ସୁବାସ ଚନ୍ଦ୍ର ପଣ୍ଡା, ନୂଆପଡ଼ା ପୁଲିସର ଏସ୍‌ଆଇ କ୍ଷୀରୋଦ ଚନ୍ଦ୍ର ବାଗ, ଏସ୍‌ଏସ୍ ବାଟାଲିୟନ୍‌ର(ଆର୍ମ) ଏସ୍‌ଆଇ ମନୋରଞ୍ଜନ ସାମଲ, କଟକ ଜିଆର୍‌ପି ଏଏସ୍‌ଆଇ ରବିନ୍ଦ୍ର ନାଥ ଜେନା, ଝାରସୁଗୁଡ଼ା ଓଏସ୍‌ଏପି-୨ ଏଏସ୍‌ଆଇ ବିଷ୍ଣୁ କୁମାର ବୁରା, ଭୁବନେଶ୍ୱର ଓଆଇଏସ୍‌ଏଫ ହାବିଲଦାର ମନୋଜ କୁମାର ଜେନା ଚୟନ ହୋଇଛନ୍ତି । ବାଲେଶ୍ୱର ଭିଜିଲାନ୍ସ ଡିଭିଜନର କନଷ୍ଟେବଳ ପ୍ରମୋଦ କୁମାର ମହନ୍ତ, କେନ୍ଦୁଝର ପୁଲିସର କନଷ୍ଟେବଳ ଚିତ୍ତରଞ୍ଜନ ସାହୁ, ମାଲକାନଗିରି ଓଏସ୍‌ଏପି-୪ ସିପାହୀ ଅମିତ କୁମାର ମଲ୍ଲିକ, ଅନଗୁଳର କନ୍‌ଷ୍ଟେବଳ ଅଶ୍ୱିନୀକାନ୍ତ ସାହୁ ଏବଂ ମାଲକାନଗିରି ପୁଲିସର କନ୍‌ଷ୍ଟେବଳ ଅର୍ଜନ କୁମାର ଜେନାଙ୍କୁ ମଧ୍ୟ ଚୟନ କରାଯାଇଛି । ମନୋନୀତ ହୋଇଥିବା ପୁଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ରାଜ୍ୟପାଳ ପଦକ ପ୍ରଦାନ କରିବେ ।


**AFFIDAVIT**

By virtue of an affidavit before the Notary Public, Bhubaneswar. I Subhrata Subhadarsini, W/o- Himansu Shekhar Sahoo of Plot No. 444-B, Paikanagar, Delta Colony, Unit-8, PS- Nayapalli, Bhubaneswar do hereby declare that my husband's correct & actual name is **Himansu Shekhar Sahoo** but in my Passport my husband's name inadvertently recorded as Himansu Sekhar Sahoo. Henceforth **Himansu Shekhar Sahoo** and Himansu Sekhar Sahoo is one and the same person i.e. my husband.

**AFFIDAVIT**

By virtue of an affidavit before the Executive Magistrate, Baripada, Mayurbhanj on dt. 20-01-2025, I Salge Hansdah aged about 46 years, W/O-Karunakara Hansdah of vill.-Badsatsole, P.O.-Badkaranjia, PS.-Khunta, Dist. Mayurbhanj, Odisha declare that my daughter's actual & correct name is LAXMI HANSDAH and her Dob. is 02-04-2009, which is mentioned in her Birth certificate. But in Aadhar card her name & Dob. are mentioned wrongly as LAKSHMI HANSDAH, 05-04-2009. The two names and Dob are belongs to one person that is my daughter. Henceforth she shall be known as LAXMI HANSDAH of Dob 02-04-2009 for all purposes.

**AFFIDAVIT**

I Mitrajita Pattnaik, W/o- Sri Bijay Kumar Das, residence at Plot no. D-260, Sector-7, CDA, Cuttack- 14, declare before Notary Public on 08/01/2025 through an affidavit, that my Husband name is Bijay Kumar Das, which also mentioned in my ADHAAR card. But which was printed by mistake, in my passport No. M9904118, Bijaya Kumar Das. So **"Bijay Kumar Das"** and **"Bijaya Kumar Das"** is treated as same and one person, for any purpose in future.

**AFFIDAVIT**

I Jaidul islam, RO– Koel bank , Panposh , PS – Raghunathpali , Sundergarh, Odisha declare by this affidavit no A/68, dt-(20/01/2025) that my son SK. Saiffanul Islam from now onwards will be known as **SHIFANOOR ISLAM** for all purposes.

**AFFIDAVIT**

I, Shreemanta Mallick, S/o- Kartik Chandra Mallick, resident of At/Po- Andhara, Ps- Pattamundai, Dist- Kendrapara, Pin- 754240, Odisha declared by this affidavit No. 185, dtd- 20/01/2025 that now onwards I shall be known as **SHREEMANTA KUMAR MALLICK** for all future purposes.

**AFFIDAVIT**

I Rangoli Laly Patra, W/o.: D Rabindra Kumar, Resident of At Flat No.: 304, Akash Deep Appartment, Nageswar Tangi, Vivekananda Marg, PO.: Oldtown, P.S.: Shree Lingaraj, Bhubaneswar, Dist.: Khordha, PIN-751002, Odisha, declare by this affidavit No.: 13, dtd 21.01.2025 that now onwards I shall be known as **R LALY PATRA** for all future purposes.

**AFFIDAVIT**

By virtue of an Affidavit sworn before the Executive Magistrate, Kanasa, No: 72, dated 07.01.2025 I Arkhita Agrasingh (New Name), S/O Late Ananda Agrasingh resident of Village: Gadamatiapada, Po: Gadamatiapada, Ps: Kanas, Dist: Puri, Odisha declare that I have changed my name from Nisikanta Agrasingh to Arkhita Agrasingh. Henceforth, I shall be known as ARKHITA AGRASINGH (New Name) for all future purposes.

**AFFIDAVIT**

I, Sunita Shaha, W/o- Santosh Kumar Shah, resident of At/Po- Bisra, Rourkela, Pin- 769001, Odisha declared by this affidavit No. 184, dtd- 20/01/2025 that now onwards I shall be known as **SUNITA SHAH** for all future purposes.

**AFFIDAVIT**

I, Suraj Jagtap, S/O- Pradip Jagatap, resident of C-90, Kanjiwari Sahi, C.T.BE, Berhamapur Sadar, Ganjam, Berhampur, Pin- 760002, Odisha declared by this affidavit No. 183, dtd- 20/01/2025 that now onwards I shall be known as **SURAJ PRADEEP JAGATAP** for all future purposes.

**AFFIDAVIT**

I, Anjali Bishoyi, W/o- Pitambar Bisoyi, resident of At- Benakunda, Po- Dihapadhala, Dist- Ganjam, Pin- 761140, Odisha declared by this affidavit No. 188, dtd- 21/01/2025 that now onwards I shall be known as **ANJALI BISOYI** for all future purposes.

**AFFIDAVIT**

I, Chunni Lal Patel, S/o- Nathubhai Rudani, resident of Balaram Ananta Complex, Flat No. B-404, Damana, Chandrasekharpur, Bhubaneswar Urban, Odisha declared by this affidavit No. 189, dtd- 21/01/2025 that now onwards I shall be known as **CHUNILAL RUDANI** for all future purposes.

**PANCHAYAT SAMITI, DHARAKOTE, GANJAM**

**Corrigendum to Tender Call Notice GPLF Building (Total Project No-6)**

Refer to the this office Tender Call Notice No.2/24-25 of Panchayat Samiti, Dharakote published in Pragativadi / Sakala Odia Daily News Paper Issue dated 21.01.2025 at Page No. 7

The Class of Bidder Should be read as 'B' & 'C' instead of 'C' & 'D'. All other Conditions of the tender Call notice will remain unchanged.

Inconvenience caused due to unexpected mistake is regretted.

**Sd/- Block Development Officer**
**Dharakote (Ganjam)**

**AFFIDAVIT**

I, Dayanidhi Bishoyi, S/o- Pitambar Bisoyi, resident of At- Benakunda, Po- Dihapadhala, Dist- Ganjam, Pin- 761140, Odisha declared by this affidavit No. 186, dtd- 21/01/2025 that now onwards I shall be known as **DAYANIDHI BISOYI** for all future purposes.

**AFFIDAVIT**

I, Dhruba Charana Mohanty, W/o- Karitik Mohanty, resident of At- Kadua, Po- Rasanga, Ps-Gania, Nayagarh, Pin- 752085, Odisha declared by this affidavit No. 182, dtd- 20/01/2025 that now onwards I shall be known as **DHRUBA CHARAN MOHANTY** for all future purposes.

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଫୋନ: ୦୬୭୪-୨୩୬୨୨୪୯

**ସର୍ବସାଧାରଣ ବିଜ୍ଞପ୍ତି**

ବ୍ୟାଙ୍କ ଅଫ୍ ଇଣ୍ଡିଆ, ତା.୨୭.୦୧.୨୦୨୫ରିଖରେ ସମଗ୍ର ଭାରତରେ ୧୩୦୦+ ଆବାସିକ ସମ୍ପତ୍ତିଗୁଡ଼ିକ ପାଇଁ ଏକ ବିଶେଷ (ସ୍ୱତନ୍ତ୍ର) ମେଗା ଇ-ନିଲାମର ଆୟୋଜନ କରିବାକୁ ଯାଉଅଛି । ବ୍ୟାଙ୍କ ଦ୍ୱାରା ଦଖଲ ନିଆଯାଇଥିବା ଆବାସିକ ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମିତ୍ତ ବ୍ୟାଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଉଛି ଯାହାକି ଗୃହ କ୍ରେତାଙ୍କ ନିମନ୍ତେ ଉତ୍ତମ ସ୍ଥାନ ଓ ଉତ୍ତମ ମୂଲ୍ୟରେ ଉପଲବ୍ଧ ଅଛି । ସବିଶେଷ ବିବରଣୀ ଓ ଇ-ନିଲାମରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି / ବିଡର (ନିଲାମଧାରୀ)ମାନେ **https://baanknet.com** ଦେଖନ୍ତୁ ଏବଂ ନିଜକୁ ପଞ୍ଜିକରଣ କରନ୍ତୁ । ନିଲାମ ପ୍ରକ୍ରିୟାରେ କୌଣସି ସହାୟତା ନିମନ୍ତେ **BAANKNET** ହେଲ୍ପଲାଇନ୍ ନଂ.: ୮୨୯୧୨୨୦୨୨୦ରେ ସମ୍ପର୍କ କରନ୍ତୁ କିମ୍ବା ନିକଟସ୍ଥ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ସହ ଯୋଗାଯୋଗ କରନ୍ତୁ ।

ଆଞ୍ଚଳିକ ପ୍ରବନ୍ଧକ

**AFFIDAVIT**

I, Pitambar Bishoyi, S/o- Late Raghunath Bisoyi, resident of At- Benakunda, Po- Dihapadhala, Dist- Ganjam, Pin- 761140, Odisha declared by this affidavit No. 187, dtd- 21/01/2025 that now onwards I shall be known as **PITAMBAR BISOYI** for all future purposes.

**AFFIDAVIT**

I, Santosh Kumar Shaha, S/o- Gopiram Shaha, resident of At/Po- Bisra, Rourkela, Pin- 769001, Odisha, Odisha declared by this affidavit No. 181, dtd- 20/01/2025 that now onwards I shall be known as **SANTOSH KUMAR SHAH** for all future purposes.

**କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ସୁବର୍ଣ୍ଣପୁର**

**ବିଜ୍ଞାପନ**

ଏତଦ୍ୱାରା ସୁବର୍ଣ୍ଣପୁର ତଥା ଆଖପାଖ ଅଂଚଳର ଜନସାଧାରଣ ଏବଂ କୃଷକ ଭାଇଭଉଣୀମାନଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ ଆସନ୍ତା ଜାନୁଆରୀ ୨୨ତାରିଖ ରୁ ୨୬ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ରୟାଲ ପଡିଆ, ସୋନପୁର ଠାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡିଶା ସରକାରଙ୍କ ଆନୁକୂଲ୍ୟରେ କୃଷି ବିଭାଗ, ସୁବର୍ଣ୍ଣପୁର ତରଫରୁ ଅନୁଷ୍ଠିତ ହେବ । ଏହି ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ଆର୍ଥିକ ସହାୟତାର ସଚେତନତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ବିଶେଷ ରିହାତି ଏବଂ ବିକ୍ରୟ ବ୍ୟବସ୍ଥା, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, କୃଷି ଓ ଆନୁସଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡ଼ିକର ପ୍ରଚାର ଓ ପ୍ରସାର ନିମନ୍ତେ ଏବଂ ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ତତ୍କାଳ ବୁକିଂ ବ୍ୟବସ୍ଥା ଅଛି । ତେଣୁ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣ ଏବଂ କୃଷକ ଭାଇ ଭଉଣୀମାନଙ୍କୁ ଅନୁରୋଧ ଏହି ମେଳାରେ ବହୁ ସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିବା ହେବେ ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସୁବର୍ଣ୍ଣପୁର — ଜିଲ୍ଲାପାଳ, ସୁବର୍ଣ୍ଣପୁର

**IN THE COURT OF THE CIVIL JUDGE (SENIOR DIVISION), NAYAGARH**

**C. S. No.74 of 2023**

Manjubala Pattanaik .....Plaintiff

Vrs.

Manjubala Pattanaik @ Manjubala Dei @ Manjulata Pattanaik & 55 others ...Defendants

**DRAFT FOR PUBLICATION NOTICE U/O5, RULE-20 (1-A) OF THE C.P.C**

(Civil Suit No. 74 of 2023 In the Court of Civil Judge, (Senior Division), Nayagarh)

**Notice to the defendant Nos. 15, 20, 22, 26, 27, 33, 34, 44 & 48**

**Defendant Nos.**

15.Sabitri Pattanaik, aged about 70 years, W/o - Late Madhusudhan Pattanaik, Karan Sahi, P.O./P.S. - Itamati, Dist.- Nayagarh, PIN - 752068

20.Sanjukta Pattanaik, aged about 30 years, D/o - Late Madhusudhan Pattanaik of Karan Sahi, P.O./P.S. - Itamati, Dist.- Nayagarh, PIN - 752068.

22.Khageswar Jena, aged about 66 years, S/o - Bidyadhar Jena, Village - Narasingha Prasad, P.O./P.S.- Itamati, Dist.- Nayagarh, PIN - 752068.

26.Damodar Pradhan, aged about 70 years, S/o - Late Madhab Pradhan, At./P.O. - Badapandusara, P.S. - Itamati, Dist. - Nayagarh, PIN - 752068

27. Kumuda Das, aged about 55 years, S/o - Late Bhima Das, At. - Nahar Sahi, Itamati, P.O./P.S. - Itamati, Dist.- Nayagarh, PIN - 752068

33.Trinath Nayak, aged about 36 years, S/o - Bhikari Nayak of Village - Narasingha Prasad, P.O./P.S.- Itamati, Dist.- Nayagarh, PIN- 752068.

34. P Suprabha Patra, aged about 52 years, W/o - P. Rameswar Patra, At.- Rajabagicha, Nayagarh, P.O./P.S./Dist.- Nayagarh, PIN - 752069

44.Muralidhar Patra, aged about 63 years, S/o - Late Harekrushna Patra, At.- Jagati Patana Sahi, Itamati, P.O./P.S. - Itamati, Dist. - Nayagarh, PIN - 752068

48.Brajabandhu Behera, aged about 51 years, S/o- Budhi Behera of Telisahi, Itamati, P.O./P.S. - Itamati, Dist. - Nayagarh, PIN - 752068

Whereas, it has been proved to the satisfaction of the Court that the defendants noted above cannot be served with summons in the ordinary way of service. Hence, this proclamation under Order-5, Rule 20 (1 - A) of the C.P.C is hereby issued against above noted defendants and defendants should appear personally or through their respective counsels on dated **18th Feb. 2025 at about 10.30 A.M** positively before the Court of Civil Judge (Senior Division), Nayagarh.

Take notice that in default of your appearance on the day fixed, the above said Suit will be heard and determined in your absence.

Giving under my hand and seal of the court this the **17th day of Jan. 2025.**

**Sd/- Civil Judge (Senior Division)**
**Nayagarh, Odisha**

ଲୋକଉତ୍ସବର ଦ୍ୱିତୀୟ ସନ୍ଧ୍ୟା

# କଳାହାଣ୍ଡି ବୀରବାଦ୍ୟ ଘୁମୁରାରେ ଦୁଲୁକିଲା ମଞ୍ଚ







**ବଲାଙ୍ଗିର, ୨୧।୧(ସମିସ):**

ଜିଲ୍ଲାସ୍ତରୀୟ ଲୋକଉତ୍ସବର ଦ୍ୱିତୀୟ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଦ୍ୱିତୀୟ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ପୂର୍ବାହ୍ନ ୧୦ଟାରୁ କୋଶଳ କଳାମଣ୍ଡଳସ୍ଥିତ ପୁରୁଣା ମଞ୍ଚରେ ଜିଲ୍ଲାସ୍ତରୀୟ ଲୋକବାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉପଖଣ୍ଡସ୍ତରୀୟ ଲୋକମହୋତ୍ସବ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କଳାକାରମାନେ ଜିଲ୍ଲାସ୍ତରୀୟ ଲୋକମହୋତ୍ସବରେ ତାଙ୍କର କଳା ପ୍ରଦର୍ଶନ କରିଥିଲେ। ବିଭିନ୍ନ ବର୍ଗରେ କଳାକାରମାନଙ୍କ କଳାପ୍ରଦର୍ଶନ ଦେଖିବାକୁ ମିଳିଥିଲା। ସେହିଭଳି ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଲୋଚନାଚକ୍ର ସମ୍ମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗିର ଲୋକସଂସ୍କୃତି ଘୁଡୁକାର୍ ଠାନ୍ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୋଚକମାନେ ଘୁଡୁକାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅପରାହ୍ନ ୪ଟା ସମୟରେ ଲୋକ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ ସଭା ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଦିବସ ଲୋକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଅନ୍ୟତମ ଅତିଥି ଭାବେ ଏସପି ଋଷିକେଶ ଖିଲାରି, ଉପ ଜିଲ୍ଲାପାଳ ରେହାନ ଖେତ୍ରୀ, ବଲାଙ୍ଗିର ଉପ ଜିଲ୍ଲାପାଳ ଆଲୋକ ପଟେଲ, ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନିଲ ମେହେର, କଳାକାର ବିନୋଦ ଦାସ ଓ ନନ୍ଦରାଜ ନାଏକ, ଗ୍ରାଉଣ୍ଡ କମିଟି ସହ ଅଧ୍ୟକ୍ଷ ବିକାଶ ସା ପ୍ରମୁଖ ମଞ୍ଚାସିନ ରହିଥିଲେ। ମୁଖ୍ୟ ଅତିଥି ହିମାଂଶୁଲାଲ ବଲାଙ୍ଗିର ସହ ତାଙ୍କର ଏକ ସ୍ୱତନ୍ତ୍ର ସମ୍ପର୍କ ରହିଛି। ବଲାଙ୍ଗିରର କଳା ସଂସ୍କୃତି, ପରମ୍ପରା ଓ ଭାତୃଭାବ ସବୁବେଳେ ମୋତେ ଆକର୍ଷିତ କରିଛି। ଏଠିକାର ଲୋକଙ୍କ ସହ ମୋର ସମ୍ପର୍କ ନିଆରା। ବାରମ୍ବାର ଜିଲ୍ଲାର ସେବା କରିବାକୁ ସୁଯୋଗ ମିଳିଥିବାରୁ ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ସଭା କାର୍ଯ୍ୟପରେ ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ହରିୟାଣାରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଘୁମର ନାଚ ପରିବେଷଣ କରାଯାଇଥିଲା। ସେହିଭଳି ମହାରାଷ୍ଟ୍ରର କଳାକାରମାନଙ୍କ ଦ୍ୱାରା ଗୋନ୍ଧାଲ, ଆସାମର କଳାକାରମାନଙ୍କ ଦ୍ୱାରା ରାଭା, କଳାହାଣ୍ଡିର ଘୁମୁରା, ଢେଙ୍କାନାଳର ଲଉଡ଼ି ନୃତ୍ୟ ପରିବେଷଣ କରାଯାଇଥିଲା। ବଲାଙ୍ଗିର ଜିଲ୍ଲାର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

● ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ କଳାକାରଙ୍କୁ ଦିଆଯାଇନି ସୂଚନା

## ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ମନମୁଖି କାର୍ଯ୍ୟ ପାଇଁ ଅସନ୍ତୋଷ

**ବଲାଙ୍ଗିର, ୨୧।୧(ସମିସ):** ବହୁ ବାଦବିବାଦ, କଳ୍ପନାଜଳ୍ପନା ପରେ ଲୋକମହୋତ୍ସବ ଆରମ୍ଭ ହେଲା। ଲୋକକଳା ସଙ୍ଗମର ଏହି ମହାପର୍ବ ପାଳନ ପାଇଁ ଚଳଚଞ୍ଚଳ ହୋଇଉଠିଛି ବଲାଙ୍ଗିର ସହର। କିନ୍ତୁ ଆୟୋଜକ କମିଟି ତଥା କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁଁ କଳାକାର ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଲୋକମହୋତ୍ସବ ଲୋକଙ୍କର ନା ଆଉ କାହାର ବୋଲି ପ୍ରଶ୍ନ ଉଠିଛି। ଜିଲ୍ଲାସ୍ତରୀୟ ଲୋକଉତ୍ସବ ଆୟୋଜନ ପାଇଁ ପ୍ରଥମେ ବ୍ଲକସ୍ତରରେ ଏବଂ ଉପଖଣ୍ଡସ୍ତରରେ ଲୋକମହୋତ୍ସବ ଆୟୋଜନ କରାଯାଏ। ବ୍ଲକ ଏବଂ ଉପଖଣ୍ଡସ୍ତରର ପ୍ରତିଯୋଗିତାରୁ ଚୟନ ହୋଇଥିବା କଳାକାରଙ୍କୁ ଜିଲ୍ଲାସ୍ତରୀୟ ଲୋକମହୋତ୍ସବ ପ୍ରତିଯୋଗିତାରେ ନିଜର କଳାପ୍ରଦର୍ଶନ କରିବାକୁ ସୁଯୋଗ ମିଳେ। ଚଳିତବର୍ଷ ମଧ୍ୟ ସେଇଆ ହେଲା। କିନ୍ତୁ ଜିଲ୍ଲାସ୍ତରୀୟ ଲୋକମହୋତ୍ସବରେ ଭାଗନେବାକୁ ମନୋନୀତ ହୋଇଥିବା କଳାକାରଙ୍କୁ ସୂଚନା ଦେବାରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ତରଫରୁ ଘୋର ଅବହେଳା କରାଯାଇଛି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ କୋଶଳ କଳାମଣ୍ଡଳର ପୁରୁଣା ମଞ୍ଚରେ ଜିଲ୍ଲାସ୍ତରୀୟ ଲୋକବାଦ୍ୟ ପ୍ରତିଯୋଗିତା ଆରମ୍ଭ ହୋଇଥିବା ବେଳେ କେଉଁ କଳାକାରମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ କେତେବେଳେ ଭାଗନେବେ



ସୂଚନା ଦିଆଯାଇନଥିବାରୁ ଅନେକ କଳାକାର ପ୍ରତିଯୋଗିତାରୁ ବଞ୍ଚିତ ହୋଇଛନ୍ତି ବୋଲି ବ୍ଲକ କଳାକାର ସଂଘର କର୍ମକର୍ତ୍ତାମାନେ ଅଭିଯୋଗ ଆଣିଛନ୍ତି। ସେହିଭଳି ଉଦ୍‌ଘାଟନୀ ଉତ୍ସବରେ କୌଣସି ନିର୍ବାଚିତ ଜନପ୍ରତିନିଧିଙ୍କୁ ନିମନ୍ତ୍ରଣ ନଦେବା ଯୋଗୁଁ ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲାପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଜିଲ୍ଲା ପରିଷଦ ବୈଠକରେ ସଭାପତି ଦେବକୀ ସାହୁ ଓ ଅନ୍ୟ ସଭ୍ୟମାନେ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ। ଲୋକଉତ୍ସବର ଉଦ୍‌ଘାଟନୀ ପର୍ବରେ କାହିଁକି ନିମନ୍ତ୍ରଣ କରାଯାଇନାହିଁ ବୋଲି ପ୍ରଶ୍ନ କରିବା ପରେ କିଛି କର୍ମଚାରୀ ଲୋକଉତ୍ସବ ନିମନ୍ତ୍ରଣ ପତ୍ର ବାଣ୍ଟିବାକୁ ଯାଇଥିବା ଦେଖିବାକୁ ମିଳିଥିଲା। ଏଭଳି ଭାବରେ ମନମୁଖୀ କାର୍ଯ୍ୟକଳାପ ଚାଲିଥିବାରୁ ଏହା ଲୋକଙ୍କ ଉତ୍ସବ ନା ସହରର କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଉତ୍ସବ ବୋଲି ପ୍ରଶ୍ନ ଉଠିଛି। ଏଭଳି ଅବହେଳାର କାରଣ କଣ ଜାଣିବାକୁ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ରଙ୍କୁ ଯୋଗାଯୋଗ କରିଥିଲୁ କିନ୍ତୁ ସେ ଫୋନ ଉଠାଇନଥିଲେ। ଲୋକଙ୍କ ଉତ୍ସବ, ଲୋକକଳା ଓ କଳାକାରଙ୍କ ଉତ୍ସବକୁ ଏଭଳି ଭାବରେ କଦର୍ଯ୍ୟ କରାନଯାଉ। ନଚେତ ଆଗାମୀ ଦିନରେ କଳାକାର ଅସନ୍ତୋଷ ଉଗ୍ରରୂପ ନେବ ବୋଲି ମତପ୍ରକାଶ ପାଇଛି।

● ଗୋପରାମହଂସ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ବଙ୍ଗୋମୁଣ୍ଡା ଟିମ୍ ବିଜୟୀ



**ବଙ୍ଗୋମୁଣ୍ଡା, ୨୧।୧(ସମିସ):** ବଙ୍ଗୋମୁଣ୍ଡା ଫୁଟବଲ ଖେଳପଡ଼ିଆରେ ପ୍ରଥମ ବର୍ଷ ଗୋପରାମହଂସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ମଙ୍ଗଳବାର ତୃତୀୟଦିବସରେ କଣ୍ଟାମାଲ ସହିତ ବଙ୍ଗୋମୁଣ୍ଡା ଟିମର ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ବଙ୍ଗୋମୁଣ୍ଡା ଟ୍ରାଇବ୍ରେକର ଜରିଆରେ ୨ଗୋଲ୍ ଦେଇ କଣ୍ଟାମାଳ ଟିମ୍‌କୁ ହରାଇ ବିଜୟ ଲାଭ କରିଛି। ଅତିଥି ଭାବେ ଭାରତୀୟ ସ୍ଥଳସେନାର ଜଗନ୍ନାଥ ନାଗ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଫୁଟବଲ ଖେଳାଳି ସର୍ବଶ୍ରୀ ଅମୁଲ୍ୟ କୁମାର ଖମାରି, ସୀତାରାମ ପୁଟେଲ, ଚିନ୍ତାମଣୀ ପ୍ରଧାନୀ, ତୁଳସିରାମ ହଂସ, ନିତ୍ୟାନନ୍ଦ ହାତୀ ଓ ଶରତ ସିଂ ଭୋଇ ଯୋଗଦେଇଥିଲେ।ଆଶୀର୍ବାଦ ସା ଖେଳ ପରିଚାଳନା କରିଥିଲେ। ଲାଇନରେ ସହଯୋଗ କରିଥିଲେ ପ୍ରତାପ ଭୁକ୍ତ, ଅଶ୍ୱନୀ ଭୁକ୍ତ, ଅର୍ଗାନାଇଜର ସ୍ୱାମୀ ବିବେକା ନନ୍ଦ ପାଠାଗାର ଆଣ୍ଡ ଆଥେଲେଟିକ ଆସୋସିଏସନ ଏବଂ ଫୁଟବଲ ଟିମ। ବଙ୍ଗୋମୁଣ୍ଡା ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଦିବସ ମାଝୀ, ଡବ୍ଲୁ ହଂସ, ରଶ୍ମିକାନ୍ତ ସିନ୍ଦୁରଲଲା ମନହିରା, ଯଯାତି ସିନ୍ଦୁର, ମଣ୍ଟୁ ସରାଫ, ଶଷାଙ୍କ ଶେଖର ଦାସ, ଯାଦବ ଦିଲ୍ଲୀପ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ୨୬ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବ।

## କଣ୍ଟାବାଞ୍ଜି ଡାକ୍ତରଖାନା ସମ୍ମୁଖରେ ବିକାଶ ପରିଷଦର ଧାରଣା

**କଣ୍ଟାବାଞ୍ଜି, ୨୧।୧(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନା ସମ୍ମୁଖରେ ମଙ୍ଗଳବାର ୭ ଦଫା ଦାବିନେଇ କଣ୍ଟାବାଞ୍ଜି ବିକାଶ ପରିଷଦ ପକ୍ଷରୁ ଧାରଣା ଦିଆଯାଇଛି। ବିକାଶ ପରିଷଦର ସଭାପତି ଅଜୟ ଦାସଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଧାରଣାରେ ସାମିଲ ହୋଇଥିଲେ। ବିକ୍ଷୋଭ ପ୍ରଦର୍ଶନ କରିବାସହ କଣ୍ଟାବାଞ୍ଜି ମେଡିକାଲ ଅଫିସର ଡା. ରାକେଶ ପଣ୍ଡିତଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାନୁଯାୟୀ, ଗତ କିଛିମାସ ହେବ ଡାକ୍ତରଖାନାର ବିଭିନ୍ନ ସମସ୍ୟାକୁ ନେଇ ଲଗାତର ଭାବେ ସ୍ୱର ଉତ୍ତୋଳନ କରିଆସୁଛି କଣ୍ଟାବାଞ୍ଜି ବିକାଶ ପରିଷଦ। ଗତ କିଛିମାସ ତଳେ ପରିଷଦ ପକ୍ଷରୁ ଏବାବଦରେ ମେଡିକାଲ ଅଫିସରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। କିଛିମାସ ତଳେ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମାହାଲିଙ୍ଗ କଣ୍ଟାବାଞ୍ଜି ଗସ୍ତରେ ଆସିଥିବା ବେଳେ ବିକାଶ ପରିଷଦର ପ୍ରତିନିଧିଦଳ ତାଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ଦେଖି ସ୍ୱାସ୍ଥ୍ୟମନ୍ତ୍ରୀ ଉକ୍ତ ଡାକ୍ତରଖାନା ପରିଦର୍ଶନ କରିଥିଲେ। ସେ ମଧ୍ୟ ଡାକ୍ତରଖାନା ଶୌଚାଳୟକୁ ଯାଇଥିବା ବେଳେ ଟ୍ୟାପରେ ପାଣି ଆସିନଥିବା ଯାହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଉପରେ ଅସନ୍ତୁଷ୍ଟ ହୋଇ ତାଗିଦ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତରଖାନା ପରିଦର୍ଶନ କରିବା ପରେ ମଧ୍ୟ ସମସ୍ୟା ସମାଧାନ ହୋଇନାହିଁ। କଣ୍ଟାବାଞ୍ଜି ଏଚ୍‌ସିଏଚ ଡାକ୍ତରଖାନାରେ ରୋଗୀ ସେବା ପୁରାପୁରି ଫେଲ୍ ଦେଖାଦେଇଛି ବୋଲି ଅଭିଯୋଗ ହେଉଛି। ସେଠାରେ ରୋଗୀଙ୍କ ଚିକିତ୍ସା କରିବା ବଦଳରେ ରେଫର କରାଯାଉଛି। ଦାନ୍ତ ଡାକ୍ତର ଅଛନ୍ତି ହେଲେ ଦାନ୍ତ ଚିକିତ୍ସା କରିବାର ଉପକରଣ ନାହିଁ। ଯାହାଫଳରେ ସାଧାରଣ ରୋଗୀ ଡାକ୍ତରଖାନାରେ ଦାନ୍ତ ଚିକିତ୍ସା ହେବାରୁ ବଞ୍ଚିତ ହେଉଥିବା ବେଳେ ଘରୋଇ କ୍ଲିନିକ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଦୀର୍ଘଦିନ ହେଲା ଡାକ୍ତରଖାନାରେ ପାନୀୟଜଳ ସମସ୍ୟା ଦେଖାଦେଉଛି। ହେଲେ ଉକ୍ତ ସମସ୍ୟାର ସମାଧାନ ମଧ୍ୟ ହେଉନାହିଁ। ଡାକ୍ତରଖାନା ସମସ୍ୟାର ସମାଧାନ ଏବଂ ରାଜ୍ୟ ସରକାର କଣ୍ଟାବାଞ୍ଜି ଡାକ୍ତରଖାନାକୁ ଉପଖଣ୍ଡ ଡାକ୍ତରଖାନା ଭାବେ ଘୋଷଣା କରନ୍ତୁ ବୋଲି ପରିଷଦର ସଭାପତି ଅଜୟ ଦାସ କହିଛନ୍ତି। ବିଶାଳ ବେହେରା, ଦେବରାଜ ଯାଦବ, ବିଷ୍ଣୁ ବେହେରା, ଛୋଟୁ ଖାନ, ସୁରଥ ବେହେରା, ପ୍ରଫୁଲ୍ଲ ନାୟକ, ଅଶୋକ କୁଅଁର, ଏକମ୍ବର ରଣା, କୃଷ୍ଣ ବାରିକ, ଲଛମନ ପୁଟେଲ, ଲବ ପୁଟେଲ, ମିନିକେତନ ପାତ୍ର, ମଦନ ଥାଟି, ପିଙ୍କୁ ବାଗ, ରୋମାଞ୍ଚଳ ବେହେରା, ଦେବରାଜ ଦଣ୍ଡସେନା, ରାଜେଶ ଶର୍ମା, ନାରୀନେତ୍ରୀ ସସ୍ମିତା ଦଣ୍ଡସେନା, କୃତିକା ମାଝୀ, ସରୋଜିନୀ ବେହେରା, ଯାଜ୍ଞସେନୀ ନାଗ ଓ ବିକାଶ ପରିଷଦର ସଭ୍ୟସଭ୍ୟା ଉପସ୍ଥିତ ଥିଲେ।



● ପଲ୍ଲିଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ

## ମଧ୍ୟାହ୍ନଭୋଜନ ତରକାରିରେ କୀଟ

**ବଲାଙ୍ଗିର, ୨୧।୧(ସମିସ):** ମଙ୍ଗଳବାର ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଡୁଡୁକା ପଲ୍ଲୀଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପରଶା ଯାଇଥିବା ମଧ୍ୟାହ୍ନ ଭୋଜନ ସୋୟାବିନ୍ ତରକାରୀରେ କୀଟ ଥିବା ଛାତ୍ରୀଛାତ୍ର ଦେଖିବାକୁ ପାଇଥିଲେ।ଏହାକୁ ନେଇ ଛାତ୍ରୀଛାତ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଖବର ପାଇ ଶିକ୍ଷା କମିଟି ସଭାପତି ଅଶୋକ ପଟେଲ ଓ ଅଭିଭାବକ ସ୍କୁଲକୁ ଆସି ଦେଖିବା ପରେ ପ୍ରଧାନଶିକ୍ଷକ ରବିନାରାୟଣ ସାହୁଙ୍କ ନିକଟରେ କ୍ଷୋଭ ପ୍ରକାଶ କରିଥିଲେ। ପରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ୟାମ ମେହେର ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶୁଭଶ୍ରୀ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧିକାରୀ ସ୍କୁଲରେ ପହଞ୍ଚି ସ୍ଥିତି ପରଖିବା ସହିତ ଛାତ୍ରଛାତ୍ରୀଙ୍କୁ ଏବାବଦରେ ପଚାରି ବୁଝିଥିଲେ। ଖାଦ୍ୟରେ କୀଟ ଥିବାରୁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଅନ୍ନପୂର୍ଣ୍ଣା ଏସଏଚ୍‌ଙ୍କୁ ତାଗିଦ୍ କରିଥିଲେ। ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ପକ୍ଷରୁ ନିୟମିତ ଭାବେ ଅବହେଳା ପ୍ରଦର୍ଶନ କରୁଥିବାରୁ ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜିକୁ ହଟାଇବାକୁ ବିଇଓଙ୍କ ନିକଟରେ ଦାବି କରିଥିଲେ। ଅପରପକ୍ଷେ ନିମ୍ନମାନର ଖାଦ୍ୟ ଦିଆଯିବା ସହିତ ବାରମ୍ବାର ମଧ୍ୟାହ୍ନ ଭୋଜନରେ କୀଟ ପାଉଥିବା ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। କୀଟ ଥିବା ଖାଦ୍ୟକୁ ଫୋପାଡ଼ି ଛାତ୍ରଛାତ୍ରୀଙ୍କୁ ଜଳଖିଆ ଦିଆଯାଇଥିବା ପ୍ରଧାନଶିକ୍ଷକ ରବିନାରାୟଣ ସାହୁ ପ୍ରକାଶ କରିଛନ୍ତି।



## କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ସର୍ବେକ୍ଷଣ

**କର୍ଲାମୁଣ୍ଡା, ୨୧।୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାୟାକଳ୍ପ ସର୍ବେକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରୀୟ ୩ଜଣିଆ ଦଳରେ ଡା ଶୁଭ୍ରାଜ୍ୟୋତି ରାଓ, ବସନ୍ତ ସାହୁ, ପ୍ରୀତିସ୍ ନନ୍ଦା ପରିଦର୍ଶନ କରିଥିଲେ। ଡାକ୍ତରଖାନା ରକ୍ଷଣବେକ୍ଷଣ, ସଫେଇ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଜୈବବର୍ଜ୍ୟ ବସ୍ତୁ ପରିଚାଳନା, ସଂକ୍ରମଣ ନିବାରଣ ଓ ନିୟନ୍ତ୍ରଣ, ଜଳ, ସ୍ୱାସ୍ଥ୍ୟ ଓ ସଫେଇ ଅନୁଧ୍ୟାନ କରିଥିଲେ। ଏହି ସମୟରେ ରିତା ନାଏକ, ଡାକ୍ତର ଆଶିଷ ଧରୁଆ, ଡାକ୍ତର ଅଖିଲେଶ ସାମଲ, ଡାକ୍ତର ଦେବ ସୌରଭ ପଣ୍ଡା, ଡାକ୍ତର ଶିଖିଧ୍ୱଜ ପଟେଲ, ଭାରପ୍ରାପ୍ତ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କିଶୋରଚନ୍ଦ୍ର ଦାଶ୍, ବିପିଏମ୍ ଅଜିତ ସିଂହ କୁମାର, ବିଡ଼ିଏମ ବିଶ୍ୱଜିତ ମହାନ୍ତି, ଫାର୍ମାସିଷ୍ଟ ପବିତ୍ର ରଣା, ବିମଳ ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୧୭-୧୮ରୁ ପର୍ଯ୍ୟନ୍ତ ପ୍ରତିବର୍ଷ ଲଗାତାର ଏହି ଡାକ୍ତରଖାନା କାୟାକଳ୍ପ ପୁରସ୍କାର ପାଇ ଆସୁଛି।

## ଗିରିରାଜ ଗୋଣ୍ଡ ସମାଜର ରାଜ୍ୟ ମହାସଚିବ

**କଣ୍ଟାବାଞ୍ଜିଁ, ୨୧।୧(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଆଗଧାଡ଼ିର ଯୁବନେତା ଗିରିରାଜ ସିଂ ମାଝୀ ଓଡ଼ିଶା ରାଜ୍ୟ ଗୋଣ୍ଡୱାନା ଗୋଣ୍ଡ ସମାଜର ମହାସଚିବ ରୂପେ ମନୋନୀତ ହୋଇଛନ୍ତି। ସୂଚନା ଅନୁସାରେ ଗୋଣ୍ଡୱାନା ଗୋଣ୍ଡ ମହାସଭା ପକ୍ଷରୁ ମହାରାଷ୍ଟ୍ର ପ୍ରଦେଶର ଅମରବତୀ ଜିଲ୍ଲା ଅଧୀନସ୍ଥ ଗୋବିନ୍ଦପୁରରେ ଆୟୋଜିତ ତ୍ରିଦିବସିୟ ରାଷ୍ଟ୍ରୀୟ ଅଧିବେଶନ ଭବ୍ୟ ସମାରୋହରେ ଅନୁଷ୍ଠିତ ହୋଇଥିଲା। ସେଠାରେ ଯୁବନେତା ଗିରିରାଜ ସିଂ ମାଝୀଙ୍କୁ ଓଡ଼ିଶା ରାଜ୍ୟ ଗୋଣ୍ଡୱାନା ଗୋଣ୍ଡ ସମାଜର ମହାସଚିବ ରୂପେ କେନ୍ଦ୍ରୀୟ କାର୍ଯ୍ୟକର୍ତ୍ତା ତାଙ୍କୁ ମନୋନୀତ କରିଛନ୍ତି। ଗୋଣ୍ଡ ସମାଜର ମହାସଚିବ ଭାବରେ ଗିରିରାଜ ମନୋନୀତ ହେବା ପରେ ତାଙ୍କୁ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟୁଛି।



ସିଏମ୍ ଟ୍ରଫି ଜିଲ୍ଲାସ୍ତରୀୟ ଫୁଟ୍‌ବଲ୍ ଚାମ୍ପିଅନସିପ୍

## ଫାଇନାଲରେ ଟିଟିଲାଗଡ଼ ଏଫ୍‌ସି ଏବଂ ଜରାସିଂହା ଏଫ୍‌ସି



**ବଲାଙ୍ଗିର, ୨୧।୧(ସମିସ):**

ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ସିଏମ ଟ୍ରଫି ଜିଲ୍ଲାସ୍ତରୀୟ ଫୁଟବଲ (ବାଳକ ବିଭାଗ ୧୫ ବର୍ଷରୁ କମ୍) ଚାମ୍ପିଅନସିପ୍ ଷଷ୍ଠ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। 'ପ୍ରତିଭା ଅନେକ ଲକ୍ଷ୍ୟ ଏକ' ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ, ବଲାଙ୍ଗିର ଜିଲ୍ଲା ପ୍ରଶାସନ, ଓଡ଼ିଶା ଫୁଟବଲ ଆସୋସିଏସନ ଓ ଜିଲ୍ଲା କ୍ରୀଡ଼ା ସଂସଦ ବଲାଙ୍ଗିରଙ୍କ ଆୟୋଜନରେ ଫୁଟବଲ ଚାମ୍ପିଅନସିପ ଅନୁଷ୍ଠିତ ହେଉଛି। ଅତିଥି ଭାବେ ପୂର୍ବତନ ଫୁଟବଲ ଖେଳାଳି ଚିତ୍ତରଞ୍ଜନ ଥନାପତି (ଜରାସିଂହା), ଲୋକନାଥ କୁମୁରା (ଚୁଡ଼ାପାଲି) ଓ ସିସିଏଫ୍‌ଏ ବଲାଙ୍ଗିରର ସଭାପତି ସୁରେନ୍ଦ୍ର ନାଗ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଫାଓ ଓଡ଼ିଶା ତଥା ଜିଲ୍ଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ଯୁଗ୍ମ ସମ୍ପାଦକ ଶତ୍ରୁଘନ ସିଂ, ଡିପିଇଓ ପ୍ରଦୀପ କୁମାର ପାତ୍ର, ବରିଷ୍ଠ ସଦସ୍ୟ ସୁଧିର ଚନ୍ଦ୍ର ପଣ୍ଡା, କ୍ରୀଡ଼ା ସମ୍ପାଦକ ବିଭୁତି ଭୂଷଣ ପଣ୍ଡା, ରୁରାଲ ସ୍ପୋର୍ଟସ୍ ଓ ମହିଳା ସ୍ପୋର୍ଟସ୍ ସମ୍ପାଦକ ସୁଧାଂଶୁ ସେଠ ପ୍ରମୁଖ ମଞ୍ଚାସୀନ ଥିଲେ। କ୍ରୀଡ଼ା ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ଫୁଟବଲ ଖେଳାଳି ପ୍ରଦୀପ ମହାରଣା, ଶ୍ରୀକାନ୍ତ ରାଉତ ଓ ଜିତୁ କୁମାର ଦଳେଇ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚରେ ଜରାସିଂହା ଏଫ୍‌ସି ୮-୦ ଗୋଲରେ ସାଉନ୍ତପୁର ଏଫ୍‌ସିକୁ ହରାଇ ଫାଇନାଲକୁ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚ୍‌ରେ ପାଟଣାଗଡ଼ ଏଫ୍‌ସି ୧-୦ ଗୋଲରେ ତୁରେକେଲା ଏଫ୍‌ସିକୁ ହରାଇଛି। ଖେଳକୁ ଦେବାଶିଷ ବାଗ, ଧନେଶ୍ୱର ସେଠ, ତ୍ରିନାଥ ଚନ୍ଦନ, ସରିତ ଅଦାବରିଆ, ନରସିଂସ୍ୱାମୀ ନାଇଡୁ, ଲବ ସୁନାନି, ଯଶୋବନ୍ତ ମାଝୀ, ଭୁବନେ ଭୋଇ, ଅବଦୁଲ ମୁଜିବ୍ ଓ ସୁଦର୍ଶନ ସେଠ ରେଫରି ଭାବେ ଖେଳକୁ ପରିଚାଳନା କରିଥିଲେ। ବୁଧବାର ଚୂଡ଼ାନ୍ତ ଫାଇନାଲ ଖେଳ ଟିଟିଲାଗଡ଼ ଏଫ୍‌ସି ବନାମ ଜରାସିଂହା ଏଫ୍‌ସି ମଧ୍ୟରେ ଅପରାହ୍ନ ୨ଟାରେ ଖେଳ ହେବ ବୋଲି ଆୟୋଜନ କମିଟିର ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ସୂଚନା ଦେଇଛନ୍ତି।

## ଦଣ୍ଡପାଟ ବେହେରାକୁ ବ୍ଲକ୍ ଦାବି ନେଇ ପଦଯାତ୍ରା

# ଏକାଠି ହେଲେ ୧୧ ପଞ୍ଚାୟତର ଲୋକେ

କୋକସରା/ଧର୍ମଗଡ଼, ୨୧।୧(ସମିସ)




କଳାହାଣ୍ଡି ଜିଲ୍ଲାର ଦଣ୍ଡପାଟ ଅଞ୍ଚଳ ବେହେରାକୁ ସ୍ୱତନ୍ତ୍ର ଦଣ୍ଡପାଟ ବ୍ଲକ ଘୋଷଣା ଦାବିରେ ମଙ୍ଗଳବାର ଦିନ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନରେ ୧୧ଟି ପଞ୍ଚାୟତବାସୀ ଧର୍ମଗଡ଼ ଉପଜିଲ୍ଲାପାଳ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଗୋଡଭଞ୍ଜା ଗୋଲେଇ ଛକ ରୁ ଧର୍ମଗଡ଼ ସହର ଯାଏଁ ରାଲିରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲା। କ୍ରିୟାନୁଷ୍ଠାନ କମିଟି ଉପଜିଲ୍ଲାପାଳ ଧୀମାନ ଚକମାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।ଦାବିପତ୍ର ପ୍ରଦାନ ବେଳେ ୧୧ଟି ପଞ୍ଚାୟତ ତଥା ଦଣ୍ଡପାଟ ଅନ୍ତର୍ଗତ କୋକସରା ବ୍ଲକ ଅଧୀନ-ଗୋତମୁଣ୍ଡା, ପୋ?ାଗୁଡା, ଡାଲଗୁମା, ମୂଷାପାଲି, ଡହଗାଁ, ଖୁଣ୍ଟିଆ ଥିବା ବେଳେ ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ବେହେରା, ତେଣ୍ଡାପାଲି, ଜୟନ୍ତପୁର, ଛଞ୍ଚାଣବାହେଲି, ଧଅଁରପୁର ଆଦି ରହିଛି।ଏଥିରେ ବହୁ ସଂଖ୍ୟାରେ ମହିଳା ମାନେ ମଧ୍ୟ ସାମିଲ ହୋଇଥିବା ଦେଖାଯାଇଥିଲା। ଭୌଗଳିକ ଦୃଷ୍ଟିକୋଣରୁ ବେହେରା ଗ୍ରାମ ଅଞ୍ଚଳର ମଧ୍ୟବର୍ତ୍ତୀ ସ୍ଥାନ ହୋଇଥିବା ବେଳେ ଏଠାରେ ବ୍ଲକ ଗଠନ ନିମିତ୍ତ ସବୁ ପ୍ରକାର ଭିତ୍ତିଭୂମି ରହିଛି। ଏହି ଗ୍ରାମକୁ ଅଞ୍ଚଳର ବ୍ୟବସାୟିକ ପେଣ୍ଠ ସ୍ଥଳୀ ମଧ୍ୟ କୁହାଯାଏ। ୧୧ଟି ପଞ୍ଚାୟତ ସହ ପଡୋଶୀ ଜିଲ୍ଲା ନବରଙ୍ଗପୁରର ଝରିଗାଁ ବ୍ଲକର ଅର୍ଦ୍ଧାଧିକ ଗ୍ରାମ ତଥା ପଡୋଶୀ ରାଜ୍ୟ ଛତିଶଗଡ଼ର ବୋର୍ଡର ଅଞ୍ଚଳର ହଜାର ହଜାର ଲୋକ ସବୁକ୍ଷେତ୍ରରେ ବେହେରା ଉପରେ ପ୍ରାୟ ନିର୍ଭର କରିଥାନ୍ତି। ଏଠାରେ ଥିବା ସ୍କୁଲ କଲେଜ, ଡାକ୍ତରଖାନା, ଫରେଷ୍ଟ ଅଫିସ, ଆରଆଇ ଅଫିସ, ପେଟ୍ରୋଲ ଟ୍ୟାଙ୍କ, ଗ୍ୟାସ୍ ପଏଣ୍ଟ ଇତ୍ୟାଦି ଉପରେ ଆଖପାଖ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ମୁଳ ଧର୍ମଗଡ଼ ବ୍ଲକ ଏହି ଅଞ୍ଚଳ ଠାରୁ ୨୦ ରୁ ୨୫ କିମି ଦୂରତା ଥିବା ହେତୁ ଲୋକଙ୍କ ଆବଶ୍ୟକତା ବେହେରା ପୂରଣ କରିଥାଏ, ସେ ଦୃଷ୍ଟିରୁ ବେହେରା ଲୋକଙ୍କ ମନରେ ଅଘୋଷିତ ବ୍ଲକ ହୋଇ ରହି ଯାଇଛି।ବେହେରାକୁ ଦଣ୍ଡପାଟ ବ୍ଲକ ଘୋଷଣା କରାଯିବାକୁ ୧୧ଟି ପଞ୍ଚାୟତ ଲୋକ ଏକାଠି ହୋଇଛନ୍ତି। କାର୍ଯ୍ୟକ୍ରମ ଦଣ୍ଡପାଟ କ୍ରିୟାନୁଷ୍ଠାନ କମିଟିର ସଭାପତି ଘନଶ୍ୟାମ ପଟେଲ, କାର୍ଯ୍ୟକାରୀ ସଭାପତି ବରିଷ୍ଠ ଆଇନଜୀବୀ ଦିଗାମ୍ବର ଦୂରିଆ, ସମ୍ପାଦକ ପ୍ରଶାନ୍ତ ତିୱାରୀ, କୋଷାଧ୍ୟକ୍ଷ ଲଳିତ ବାଣୁଆ, ଆବାହକ ଭବେଶ ଗଇନ୍ତା, ଗୋନ୍ତିଆ, ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ଡାଲଗୁମା ସରପଞ୍ଚ ଯୋଗେନ୍ଦ୍ର ପଟ୍ଟନାୟକ, ଗୋତୋମୁଣ୍ଡ ସରପଞ୍ଚ ପଦ୍ମିନୀ ପୁଝାରୀ, ମୂସାପାଲି ସରପଞ୍ଚ ଅକ୍ଷୟ ନାଏକ, ପୋଡାଗୁଡ଼ା ସରପଞ୍ଚ ଜୟରାମ ନାଗ, ସମିତି ସଭ୍ୟ ରାଜୀବ ଖମାରୀ, ଖୁଣ୍ଟିଆ ସରପଞ୍ଚ ମାଧବୀ ଧରୁଆ, ଧର୍ମାନନ୍ଦ ସେଠିଆ, ଜିଲ୍ଲାପରିଷଦ ସଭ୍ୟ ହେମନ୍ତ ମାଝୀ, ଶଙ୍କର ଯୁଏଡ, ସିଦ୍ଧେଶ୍ୱର ଭଇଁଶାଲ, ତଥା ୧୧ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ସମେତ ଅଞ୍ଚଳର ହଜାର ହଜାର ବୁଦ୍ଧିଜୀବୀ, ସାଧାରଣଲୋକ ସାମିଲ ହୋଇଥିଲେ।

## ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ

**ଶଗଡ଼ା, ୨୧।୧(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଖବର ପାଇ ମନମୁଣ୍ଡା ପୁଲିସ ଟିମ୍ ମନମୁଣ୍ଡା ଥାନା ଶଗଡ଼ା ଫାଣ୍ଡି ଅଧୀନ ଗୁନ୍ଦୁଲିଆ ପଞ୍ଚାୟତ ତିଳପଙ୍ଗା ନିକଟ ଗ୍ରାମ୍ୟ ଜଙ୍ଗଲ ଓ ପାହାଡରେ ଚଢ଼ଉ କରି ବେଆଇନ ଭାବରେ ଚାଷ ହୋଇଥିବା ହଜାର ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରିଛି। ଜଙ୍ଗଲର ୯୨.୬୪ ଏକର ଜାଗାରେ ବେଆଇନ ଭାବରେ ଗଞ୍ଜେଇ ଚାଷ ହୋଇଥିବା ଖବର ପାଇ ପୁଲିସ ଟିମ ପହଞ୍ଚି ୧ ଲକ୍ଷ ୧୦ହଜାର ୯୧୮ ଟି ଗଞ୍ଜେଇ ଗଛକୁ କାଟି ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ୩୦/୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି।

## ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

**ମ.ରାମପୁର, ୨୧।୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁରସ୍ଥିତ ରାମକୃଷ୍ଣ ଆଶ୍ରମ ପରିସରରେ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ପ୍ରାତଃକାଳରୁ ପୂଜାହୋମ ସମାପନ ପରେ ସ୍ୱାମୀ ଅଶୋକାନନ୍ଦଜୀ ମହାରାଜଙ୍କ ଅଧ୍ୟକ୍ଷତାରେ ଆଧ୍ୟାତ୍ମିକ ସଭା ହୋଇଥିଲା।ମୁଖ୍ୟଅତିଥି ଭାବେ ମ.ରାମପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବୁଧେନ୍ଦ୍ର ପ୍ରତାପ ସିଂହଦେଓ, ସମ୍ମାନିତ ଅତିଥି ଭାବେ ରାମକୃଷ୍ଣ ଆଶ୍ରମର ଉପସଭାପତି ସ୍ୱାମୀ ଧୀରେଶାନନ୍ଦ, ସହ ସମ୍ପାଦକ ସ୍ୱାମୀ ବିରେଶାନନ୍ଦ, ସନ୍ୟାସୀ ସ୍ୱାମୀ ଶୁକଦେବାନନ୍ଦ, ବିବେକାନନ୍ଦ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁରେନ୍ଦ୍ର ମହାଖୁଡ, ଭବାନୀପାଟଣା ଶାସ୍ତ୍ରୀଜୀ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଦକ୍ଷ ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପଦ୍ମଲୋଚନ ମିଶ୍ର ଯୋଗଦେଇ ବିବେକାନନ୍ଦଙ୍କ ଜୀବନାଦର୍ଶ, ବାଣୀ ଓ ଯୁବସମାଜ ପ୍ରତି ଆହ୍ୱାନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ପ୍ରାଚୀର ପତ୍ରିକା ଶିଖା ଉନ୍ମୋଚନ କରାଯାଇଥିଲା।ଉକ୍ତ ସଭାକୁ ଅନ୍ନଦା ପ୍ରସାଦ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ବଟ କିଶୋର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୪ରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ବୌଦ୍ଧ, ୨୧।୧(ସମିସ):** ନାମଯଜ୍ଞ ମଣ୍ଡପ ପୁରୀ ମନ୍ଦିର ଢାଞ୍ଚାରେ ନିର୍ମିତ ବୌଦ୍ଧ ଜିଲ୍ଲା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗରରେ ଶ୍ରୀଜଗନ୍ନାଥ ଓ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟ ଯୁଗ୍ମ ମନ୍ଦିର ଆସନ୍ତା ୨୪ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏନେଇ ମଙ୍ଗଳବାର ମନ୍ଦିର ନିର୍ମାଣ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ମନ୍ଦିର ନିର୍ମାଣ କମିଟି ସଭାପତି ରାଜେନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସମ୍ପାଦକ ଗୋପାଳ ମେହେର ସ୍ୱାଗତ ଭାଷଣ ଦେଇ ଥିବା ବେଳେ ସଭାପତି ରାଜେନ୍ଦ୍ର ମେହେର କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ।ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଯୁଗ୍ମ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୮୬ ଫୁଟ ଉଚ୍ଚତା ବିଶିଷ୍ଟ ରହିଛି। ବିଶିଷ୍ଟ ଶିଳ୍ପୀ ଗୌରବ ମହାରଣା ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ପ୍ରଦୀପ ମହାରଣା ସମ୍ପୂର୍ଣ୍ଣ କରିଛନ୍ତି। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ହରିହାଟ ପ୍ରସାଦସେବନ, ଛପନ ପ୍ରହରୀ ନାମଯଜ୍ଞ, ମୀନବଜାର, କଂସ ଦରବାର, ନବାହ ପରାୟଣ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭକ୍ତଙ୍କ ପାଇଁ ପାର୍କିଂ ସୁବିଧା, ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ, ମେଡିକାଲ, ଦମକଳ ବାହିନୀ ପ୍ରସ୍ତୁତ ହୋଇଛି। ସହ ସମ୍ପାଦକ ବିଜୟ ସାହୁ ସୁଉଚ୍ଚ ତୋରଣ, ରଙ୍ଗୀନ ଆଲୋକ ସାଜସଜ୍ଜା ଉପରେ ବିସ୍ତୃତ ବିବରଣୀ ଉପସ୍ଥାପନା କରିଥିଲେ। ଶେଷରେ କୋଷାଧ୍ୟକ୍ଷ ପିତାମ୍ବର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ମନ୍ଦିର ନିର୍ମାଣ କମିଟିର ସମସ୍ତ ସଦସ୍ୟ ଏବଂ ନାରାୟଣନଗର ଗ୍ରାମବାସୀ ଉପସ୍ଥିତ ଥିଲେ।

## ଦଶମ ବାର୍ଷିକ ପରୀକ୍ଷା ପ୍ରସ୍ତୁତି ପାଇଁ ବୈଠକ

**ସୁବଲୟା, ୨୧।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ସୁଣ୍ଡୀ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଚଳିତ ଶିକ୍ଷାବର୍ଷର ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ପ୍ରସ୍ତୁତି ପାଇଁ ସହଜ ଉପାୟ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ଆଲୋଚନା ସଭା ଅନୁଷ୍ଠିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଳିଆ କର୍ମୀ ସଭାପତିତ୍ୱ କରି ସଭାର ଆଭିମୁଖ୍ୟ ସହିତ ସକାରାତ୍ମକ ଭାବନା ରଖିବା, ଉତ୍ତମ ସ୍ୱାସ୍ଥ୍ୟ ଓ ସମୟର ସଦୁପଯୋଗ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ପଣ୍ଡା ସ୍ୱାଗତ ବକ୍ତବ୍ୟ ରଖିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଚାପ ମୁକ୍ତ ଓ ଚିନ୍ତା ମୁକ୍ତ ହୋଇ ପରୀକ୍ଷା ପ୍ରସ୍ତୁତି କରିବା ପାଇଁ ମତ ରଖିଥିଲେ। ସହକାରୀ ଶିକ୍ଷକ ନୀଳାମ୍ବର ମେହେର ସଭା ପରିଚାଳନା ସହିତ ପରୀକ୍ଷା ରେ ଉତ୍ତମ ଫଳ ହାସଲ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଫେବୃୟାରୀରେ ହେବାକୁ ଥିବା ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଉତ୍ତମ ଫଳ ପ୍ରାପ୍ତି ନିମନ୍ତେ ରାଜ୍ୟ ସରକାର ଙ୍କ ଦ୍?ାରା ନିଆଯାଇଥିବା ଏହି ପ୍ରୟାସରେ ସମସ୍ତ ଶିକ୍ଷକ ନିଜ ନିଜ ବିଷୟ ସମ୍ପର୍କରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭା ପରିଶେଷରେ ଜଗନ୍ନାଥ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।




## ସିଦ୍ଧାର୍ଥ ଡିଗ୍ରୀ କଲେଜରେ ପଶ୍ଚିମ ଓଡ଼ିଶା ଇତିହାସ କଂଗ୍ରେସ ସେମିନାର




**ବିନିକା, ୨୧।୧(ସମିସ):** ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ମଙ୍ଗଳବାର ପଶ୍ଚିମ ଓଡ଼ିଶା ଇତିହାସ କଂଗ୍ରେସ ସେମିନାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସେମିନାରରେ ସୁବର୍ଣ୍ଣପୁର ଉପ ଜିଲ୍ଲପାଳ ସୌମ୍ୟରୂପା ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ସୋନପୁର କଲେଜ ପୂର୍ବତନ ଅଧ୍ୟକ୍ଷ ଡ. କେଦାରନାଥ ମିଶ୍ର, ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ମହିଳା କଲେଜ ପୂର୍ବତନ ଅଧ୍ୟକ୍ଷ ତଥା ପଶ୍ଚିମ ଓଡ଼ିଶା ଉତିହାସ କଂଗ୍ରେସ ସଭାପତି ପ୍ରଫେସର ଗୌରୀ ଶଙ୍କର ପଟେଲ, ସୁନ୍ଦରଗଡ଼ ଇତିହାସ ମହିଳା କଲେଜ ତଥା ପଶ୍ଚିମ ଓଡ଼ିଶା ଇତିହାସ କଂଗ୍ରେସ ସମ୍ପାଦକ ଡ. ସାକୀର ହୁସେନ, ଶ୍ରୀ ରାମପୁର କଲେଜ ପୂର୍ବତନ ଅଧ୍ୟକ୍ଷ ରାମେଶ୍ୱର ନାଏକ, ସୋନପୁର କଲେଜ ଇତିହାସ ଅଧ୍ୟାପକ ସୁଦାମ ଦୀପ, ବିନିକା ସେଣ୍ଟଭ୍ୟାଲି ହାଇସ୍କୁଲ ଶିକ୍ଷକ ତଥା ଗବେଷକ ସୁଦାମ ନାଏକ ପ୍ରମୁଖ ଯୋଗଦେଇ ପଶ୍ଚିମ ଓଡ଼ିଶାର ଧାର୍ମିକ ପରମ୍ପରା ଉପରେ ଆଲୋଚନା କରିଥିଲେ। ସେହିପରି ବିଭିନ୍ନ ସ୍ଥାନର ପୁରାତନ ଐତିହ୍ୟ, ମନ୍ଦିର, ସ୍ତୂପ, ମୁଦ୍ରା ଓ ଐତିହାସିକ ସ୍ଥାନ ଯାହାକି ପ୍ରତ୍ନତତ୍ତ୍ୱବିତ ମାନେ ଇତିହାସ ସକାଶେ ଲୋକ ଲୋଚନକୁ ଆଣିଛନ୍ତି, ସେସବୁ ବର୍ତ୍ତମାନ ପିପିଟି ମାଧ୍ୟମରେ କରାଯାଇଥିଲା। ଏହି ଅବସରରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ବିଧୁସ୍ମିତା ସାଣ୍ଢ ସୁବର୍ଣ୍ଣପୁର ଇତିହାସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେମିନାର ପ୍ରାରମ୍ଭରେ ଅଧ୍ୟାପକ ବିଶ୍ୱନାଥ ମିଶ୍ର, ଅଧ୍ୟାପିକା ଜାନକୀ ସାମନ୍ତ, ଭାରତୀ ବାବୁ ଇତିହାସ ଉପରେ ସୁନ୍ଦର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ଇତିହାସ ବିଭାଗ ମୁଖ୍ୟ ଗୋପାଳ କୃଷ୍ଣ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇତିହାସ ବିଭାଗ ଅଧ୍ୟାପିକା ଦିପ୍ତୀରାଣୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂଘବଦ୍ଧ ଆକ୍ରମଣରେ ଯୁବକ ମୃତ, ୪ ଅଟକ

**ବୌଦ୍ଧ, ୨୧।୧ (ସମିସ):** ସୋମବାର ବିଳମ୍ବିତ ରାତିରେ ବୌଦ୍ଧ ଥାନା ନୂଆପାଲି ଗ୍ରାମରେ ଯୁବକଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ବୁର୍ଲା ଡାକ୍ତରଖାନାରେ ଯୁବକଙ୍କ ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ସୋମବାର ବିଳମ୍ବିତ ରାତିରେ ବୌଦ୍ଧ ଥାନା ନୂଆପାଲି ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଶ୍ରୀଧର ବେହେରା (୨୫) ନାମକ ଜଣେ ଯୁବକଙ୍କୁ ତାଙ୍କ ଘର ସାମ୍ନାରେ ଗ୍ରାମର ଅନ୍ୟ ଏକ ପରିବାରର ସଦସ୍ୟମାନେ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଶ୍ରୀଧରଙ୍କୁ ଉଦ୍ଧାର କରି ତାଙ୍କ ପରିବାର ଲୋକେ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଂକଟାପର୍ଣ୍ଣ ଥିବାରୁ ରାତି ୨ ଘଣ୍ଟା ସମୟରେ ୧୦୮ ଆମ୍ବୁଲାନ୍ସ ଯୋଗେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଶ୍ରୀଧରଙ୍କୁ ମୃତ ଘୋଷଣା କରିଥିଲେ। ବୌଦ୍ଧ ପୁଲିସ ନୂଆପାଲି ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସନ୍ଦେହରେ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

■ ତରଭା ନବୋଦୟ ବିଦ୍ୟାଳୟ

## ୨ ସହପାଠୀଙ୍କ ମାଡ଼ରେ ଛାତ୍ର କ୍ଷତାକ୍ତ

**ତରଭା, ୨୧।୧(ସମିସ):** ତରଭା ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟରେ ଦୁଇ ଛାତ୍ର ମିଶି ଜଣେ ଛାତ୍ରକୁ ପ୍ରବଳ ମାଡ ମାରି କ୍ଷତାକ୍ତ କରିଥିବା ସମ୍ବନ୍ଧେ ଜଣେ ଅଭିଭାବକ ୧୦୯୮କୁ ଫୋନକରି ଜଣାଇଥିଲେ। ଫୋନକଲ ପାଇବା ପରେ ଡିପିସି ସୁଜିତ୍ କୁମାର୍ ମିଶ୍ର ଏକ ଟିମ୍ ଗଠନ କରି ବିଦ୍ୟାଳୟକୁ ଆସି ପଚରା ଉତୁରା କରିଥିଲେ। ସୁଧୀର କୁମାର ଦାସ, ଚାଇଲ୍ଡ ହେଲ୍ପ ଲାଇନ୍ କାଉନସିଲର, ଧର୍ମେନ୍ଦ୍ର ଦାସ ସୁପରଭାଇଜର ଚାଇଲ୍ଡ ହେଲ୍ପ ଲାଇନ୍ ପ୍ରଶାନ୍ତ ମହାକୁର କାଉନସିଲର ଡିସିପିୟୁ ଏବଂ ତରଭା ପୁଲିସ ମିଳିତ ଭାବେ ଘଟଣାର ତଦାରଖ କରିଥିବା ଜଣାପଡ଼ିଛି। ଆଗକୁ ଆଉ ଏମିତି ପରିସ୍ଥିତି ସୃଷ୍ଟି ନ ହେବ ସେଥିପାଇଁ ମଧ୍ୟ ନବୋଦୟ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ଆହତ ଛାତ୍ରର ଉଚିତ୍ ଥଇଥାନ ପାଇଁ ଶିଶୁ କଲ୍ୟାଣ ସମିତି ସୁବର୍ଣ୍ଣପୁର ସମ୍ମୁଖରେ ଉପସ୍ଥାପନା କରାଯିବ ବୋଲି ଡିପିସି ସୁଜିତ୍ କୁମାର୍ ମିଶ୍ର ଚାଇଲ୍ଡ ହେଲ୍ପ ଲାଇନ୍ ସୁବର୍ଣ୍ଣପୁର ସୂଚନା ଦେଇଛନ୍ତି। ବିଭିନ୍ନ ସମୟରେ ବିଦ୍ୟାଳୟରେ ଏମିତି ଘଟଣାମାନ ଘଟୁଥିବାର ଦେଖିବାକୁ ମିଳୁଥିବାରୁ ଅବିଭାବକ ମହଲରେ ଅସନ୍ତୋଷ ପରିଲକ୍ଷିତ ହେଉଛି।

## ପାପକ୍ଷୟ ଲୋକ ମହୋତ୍ସବ କାର୍ଯ୍ୟାଳୟ ଉଦ୍‌ଘାଟିତ



**ବିନିକା, ୨୧।୧(ସମିସ):** ବିନିକାର ମୁକ୍ତିତିର୍ଥ ପୁଣ୍ୟପୀଠ ପାପକ୍ଷୟର ଐତିହ୍ୟକୁ ସର୍ବତ୍ରରେ ପ୍ରଚାର ପାଇଁ ଏବଂ ଏ ଅଞ୍ଚଳର କଳା ସଂସ୍କୃତିକୁ ବଞ୍ଚାଇବା ଉଦେଶ୍ୟ ନେଇ ଅସନ୍ତା ଫେବୃଆରୀ ୧୧ତାରିଖରୁ ୧୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବିନିକା ପାପକ୍ଷୟ ଲୋକ ମହୋତ୍ସବର ନୂତନ କାର୍ଯ୍ୟାଳୟ ଆଜି ଉଦ୍‌ଘାଟିତ ହୋଇଯାଇଛି। ବିନିକା ପୁରୁଣା ଦୁର୍ଗାପୂଜା କମିଟି ସଭାପତି ତଥା ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା ଯୋଗଦେଇ ମହୋସବ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରି ଏ ଅଞ୍ଚଳର କଲଳ ସଂସ୍କୃତିକୁ ଭଲପାଉଥିବା ବିକ୍ତ୍ୟ ବିଶେଷ ଏଇ ମହୋତ୍ସବର ସଫଳତା ନେଇ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଉଦ୍‌ଘାଟନୀ ଅବସରରେ କମିଟିର ସମସ୍ତ ସଦସ୍ୟ ସମେତ ଅଞ୍ଚଳର କଳା ପ୍ରତି ରୁଚି ରଖିଥିବା ବ୍ୟକ୍ତି ଓ ଅଞ୍ଚଳର ଜନସାଧାରଣ ସାମିଲ୍ ହୋଇଥିଲେ।

## ଶିଳ୍ପ କର୍ମଶାଳା ସଚେତନତା କାର୍ଯ୍ୟକ୍ରମ



**ବୀରମହାରାଜପୁର, ୨୧।୧ (ସମିସ):** ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ତରଫରୁ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ବୀରମହାରାଜପୁର ଠାରେ ତିନି ଦିନିଆ ଶିଳ୍ପ କର୍ମଶାଳା ଓ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇ ଯାଇଛି।କାର୍ଯ୍ୟକ୍ରମକୁ ସମ୍ବଲପୁର ଟେକ୍ସଟାଇଲର ସହ ନିର୍ଦ୍ଦେଶକ ଶୈଳଜା କୁମାରୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ଦାଶ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଜାତୀୟ ପୁରସ୍କାର ପ୍ରାପ୍ତ ଟେରାକୋଟା ଶିଳ୍ପୀ ମୁକୁନ୍ଦ ରଣାଙ୍କ ସମେତ, ଗଂଜପା କାରିଗର, କାଠ କଣ୍ଢେଇ କାରିଗରମାନେ ଛାତ୍ରଛାତ୍ରୀଙ୍କୁ ନିର୍ମାଣ କୌଶଳ ଶିଖାଇଥିଲେ। ଉଭୟ ବାଳକ ଓ ବାଳିକା ଉଚ୍ଚ ବିଦ୍ୟାଳୟର ୧୦୦ ଜଣ ଛାତ୍ରଛାତ୍ରୀ ତାଲିମ ନେଇଥିଲେ।

## ଆଲୋକ ମେମୋରିଆଲ୍ ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ



**ତରଭା, ୨୧।୧(ସମିସ):** ତରଭାର ନବନିର୍ମିତ ଇଣ୍ଡୋର ଷ୍ଟାଡିୟମରେ ମଙ୍ଗଳବାର ୨୮ ତମ ଆଲୋକ ମେମୋରିଆଲ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ଧରି ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟକୁ ସାମ୍ବାଦିକ ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ ଷ୍ଟେଟବ୍ୟାଙ୍କ ତରଭା ଶାଖା ପରିଚାଳକ ସୁଶାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାୟାର ଅଫିସର ଅନିଲ ମିଶ୍ର, ପୂର୍ବତନ ନଗରପାଳ ଶୈଳେନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲୀପ ପାଣିଗ୍ରାହୀ, ଉପନଗରପାଳ ଗଗନ ଅଗ୍ରୱାଲ, ସୁବାଷ ସେଠୀ, ମଧୁସୂଦନ ପାଣ୍ଡେ, ସତ୍ୟନାରାୟଣ ପୁଝାରୀ, ସାମ୍ବାଦିକ ମାନଭଞ୍ଜନ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ, ରାଜେଶ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ତରଭାର ଟବୁ ଓ ଗୁଡୁ ତଥା ସୋନପୁରର ରାଜେଶ ଓ ଚିନ୍ତନଙ୍କ ଯୋଡ଼ି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋନପୁରର ରାଜେଶ ଓ ଚିନ୍ତନ ଯୋଡ଼ି ବିଜୟୀ ହୋଇଥିଲେ।

## ବାଇପାସ୍ ରାସ୍ତା ନିର୍ମାଣ ପାଇଁ ସାଂସଦଙ୍କୁ ଦାବିପତ୍ର ପ୍ରଦାନ

କେସିଙ୍ଗା, ୨୧।୧(ସମିସ)

କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ଆଗାମୀ ଭବିଷ୍ୟତ ପାଇଁ କେସିଙ୍ଗା ବାଇପାସ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ମଙ୍ଗଳବାର ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କୁ ସାକ୍ଷାତ କରି କେସିଙ୍ଗାର ଉନ୍ନତି ଉପରେ ତିନି ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। କେସିଙ୍ଗାର ବାଇପାସ କ୍ରିୟାନୁଷ୍ଠାନ କମିଟି କେସିଙ୍ଗା ସହର ପାଇଁ ଏକ ବାଇପାସ ରାସ୍ତା ନିର୍ମାଣ ପାଇଁ ତୁହାକୁ ତୁହା ବୈଠକ ସାଙ୍ଗକୁ ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସମେତ ବିଭିନ୍ନ ନିର୍ବାଚିତ ପ୍ରତିନିଧିଙ୍କୁ ସାକ୍ଷାତ କରି କେସିଙ୍ଗାର ଭବିଷ୍ୟତ ପାଇଁ ସହରରେ ଏକ ବାଇପାସ ରାସ୍ତା କେତେ ଆବଶ୍ୟକ ଆଲୋଚନା କରୁଛନ୍ତି।ବିଗତ ଦିନମାନଙ୍କରେ କଳାହାଣ୍ଡି ଲୋକସଭା ସାଂସଦ, ଜିଲ୍ଲାପାଳ କଳାହାଣ୍ଡିଙ୍କୁ ଆଗରୁ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତେ ଯଥା ସମ୍ଭବ ସହଯୋଗ କରିବା ପାଇଁ କଥା ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ସେଥିପାଇଁ କେସିଙ୍ଗା ବାଇପାସ କ୍ରିୟାନୁଷ୍ଠାନ କମିଟି ନିଜର ମାଆ ମାଟିର ସୁରକ୍ଷା ପାଇଁ ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କୁ ସାକ୍ଷାତ କରି ବାଇପାସ ରାସ୍ତା ବିଷୟରେ ଆଲୋଚନା କରିଛନ୍ତି। କମିଟିର କହିବା ଅନୁଯାୟୀ ଅମାଠ ଠାରୁ ଜୁନାଗଡ଼ ପର୍ଯ୍ୟନ୍ତ ଆଗାମୀ ଦିନରେ ଫୋର ଲେନ ବିଶିଷ୍ଟ ରାସ୍ତା ନିର୍ମାଣ ହେବ। ସେଥିପାଇଁ ଭବାନୀପାଟଣା ଓ ଜୁନାଗଡ଼ ପାଇଁ ଯଦି ବାଇପାସ ରାସ୍ତା ନିର୍ମାଣ ପାଇଁ କେନ୍ଦ୍ର ସରକାର ସହମତି ପ୍ରକାଶ କରିଛି ତାହା ହେଲେ କଳାହାଣ୍ଡିର ଦ୍ୱାର କେସିଙ୍ଗା ପାଇଁ କାହିଁକି ବାଇପାସ ରାସ୍ତା ପାଇଁ ସହମତି ଦେଉ ନାହିଁ। ବିଗତ ଦିନମାନଙ୍କରେ କେସିଙ୍ଗା ପ୍ରତି ଅନେକ ଅବହେଳା କରାଯାଇଛି ଯାହା ବି ହେଉଛି ଆନ୍ଦୋଳନ ପରେ ହେଉଛି ତେଣୁ ବାଇପାସ ରାସ୍ତା ନିର୍ମାଣ ବିଷୟରେ କିଛି ଭଲ ଖବର ନ ମିଳିଲେ ଆଗାମୀ ଦିନରେ କେସିଙ୍ଗା ଜନସାଧାରଣ ପୁଣିଥରେ ଆନ୍ଦୋଳନ ର ପନ୍ଥା ଗ୍ରହଣ କରିବେ ବୋଲି ବାଇପାସ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ମହେନ୍ଦ୍ର ନାଏକ ଦେବେନ୍ଦ୍ର ଭୁଜବଳ, ସୁରେଶ ରାଓ, ଦୟା ସୁନାନୀ, ଉମେଶ ନାୟକ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



## ମୃତ ଶିକ୍ଷୟିତ୍ରୀଙ୍କ ପରିବାରକୁ ସହାୟତା



**କନ୍ଧମାଳ, ୨୧।୧(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଦେଢ଼େନମାଲ ୟୁପି ସ୍କୁଲର ସ୍ୱର୍ଗତ ଶିକ୍ଷୟିତ୍ରୀ ବାସନ୍ତୀ ଭୋଇଙ୍କ ସୁଦ୍ଧକ୍ରିୟାରେ କନ୍ଧମାଳ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଯୋଗଦେଇ ତାଙ୍କ ପରିବାରଙ୍କୁ ସମବେଦନା ଜଣାଇବା ସହ ନଗଦ ୩୦ହଜାର୨୧୦ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ରେ ସଂଘର ସଭାପତି ନୀଳାଞ୍ଚଳ ଭୋଇ, ସମ୍ପାଦକ ଶିଶିର ଖଟୁଆ, କୋଷାଧକ୍ଷ ବିଶ୍ୱାମିତ୍ର କଅଁର, କାର୍ଯ୍ୟକାରୀ ସଦସ୍ୟ ନିରାକାର ସାହୁ, ଶିକ୍ଷକ ତେଜରାଜ କଅଁର, ଯୁବଲାଲ ଧରୁଆ, ଲବଣି ନାଏକ, ଅରୁଣ ଭୋଇ, ହୃଷିକେଶ ମାଝୀ, ଠାକୁର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ଇଚ୍ଛାଶକ୍ତି ଆଗରେ ହାରମାନିଛି ବୟସ ଓ ଅକ୍ଷମତା

# କୃତ୍ରିମ ଗୋଡ଼ରେ ଭାରତ ଭ୍ରମଣ

**ସୋନପୁର, ୨୧।୧(ସମିସ):**

ଦୃଢ଼ ଇଚ୍ଛା ଶକ୍ତି ଆଗରେ ସମସ୍ତ ବାଧାବିଘ୍ନ ହାର ମାନିଥାଏ। କଥାରେ ଅଛି ପଙ୍ଗୁ ଲଙ୍ଘୟତେ ଗିରି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ମଧ୍ୟପ୍ରଦେଶ କଟନି ନିକଟସ୍ଥ ଛେଣ୍ଡିଗାଓଁର ଗଣେଶ। ତାଙ୍କ ଅଦମ୍ୟ ସାହସ ଏବଂ ଦୃଢ ମନୋବଳକୁ ଦେଖିଲେ ସେ ଭିନ୍ନକ୍ଷମ ନୁହନ୍ତି ବରଂ ସମ୍ପୂର୍ଣ୍ଣ ସକ୍ଷମ ବୋଲି ମନେ ହୁଅନ୍ତି। ଗଣେଶ ସୀତାରାମ ପାଣ୍ଡେଙ୍କ ବୟସ ୬୬ ବର୍ଷ। ୧୭ ବର୍ଷ ପୂର୍ବରୁ ସେ କାମ କରୁଥିବା କାରଖାନାର ମେସିନ୍‌ରେ ଲାଗି ଉଭୟ ଗୋଡ଼ କଟି ଯାଇଥିଲା। ତେବେ ଗୋଡ କଟିଯିବା ପରେ ମୁଁ ଭିନ୍ନକ୍ଷମ ବୋଲି ଘରେ ବସି ରହିଲେ ନାହିଁ, ବରଂ ମୁଁ ସବୁ କରି ପାରିବି ବୋଲି ସାହସ ଜୁଟାଇଲେ। ସାରା ଭାରତ ବୁଲିବାର ପ୍ରବଳ ଇଚ୍ଛା ଶକ୍ତି ଆଗରେ ତାଙ୍କର ଶରୀରିକ ସମସ୍ୟା ହାର ମାନିଲା। ଦୁଇଟି କୃତ୍ରିମ ଗୋଡ ଲଗାଇ ଭାରତ ଭ୍ରମଣରେ ବାହାରି ପଡ଼ିଲେ ଗଣେଶ।



ସେ ଏହି କୃତ୍ରିମ ଗୋଡ ଏବଂ ଏକ ବାଡି ସାହାଯ୍ୟରେ ୨୦ରୁ ଅଧିକ ରାଜ୍ୟ ବୁଲି ସାରିଛନ୍ତି। ଦେଶର ସମସ୍ତ ତୀର୍ଥ ସେ ଭ୍ରମଣ କରି ସାରିଛନ୍ତି। ଖାଲି ସେତିକି ନୁହେଁ ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ମାନଙ୍କୁ ସେ ପୁରୀ ଦର୍ଶନ ପାଇଁ ଆଣୁଛନ୍ତି। ଗଣେଶଙ୍କ ଦୁଇ ପୁଅ ମୁମ୍ବାଇରେ ଚାକିରି କରୁଛନ୍ତି। ଇଚ୍ଛା ହେଲେ ମୁମ୍ବାଇ ଯାଆନ୍ତି ଏବଂ କିଛି ଦିନ ସେଠାରେ ବିଶ୍ରାମ ନେଇ ପୁଣି ଭାରତ ଭ୍ରମଣ ଆରମ୍ଭ କରିଦିଅନ୍ତି। ମନ୍ଦିର ମାଳିନୀ ସୋନପୁର ବିଷୟରେ ଜାଣି ସେ ସୁବର୍ଣ୍ଣପୁର ବୁଲିବା ପାଇଁ ଅନେକ ବାର ଆସିଲେଣି। ପ୍ରକୃତରେ ଏହା ଏକ ସିଦ୍ଧି ଏବଂ ସାଧନାର ପୀଠ ବୋଲି ଗଣେଶ କହିଛନ୍ତି। କଲ୍ୟାଣ ବାବା, ଭୀମଭୋଇ ଆଦି ସନ୍ଥଙ୍କୁ ଏଠାରେ ସିଦ୍ଧି ମିଳିଥିବା ସେ ଜାଣିଛନ୍ତି ବୋଲି ଗଣେଶ କହିଛନ୍ତି। ସେ ପାତାଳୀ ଶ୍ରୀକ୍ଷେତ୍ରରେ ତିନି ଠାକୁରଙ୍କୁ ଦର୍ଶନ କରି ଆତ୍ମ ବିଭୋର ହୋଇଯାଇ ଥିଲେ। ସୁବିଧା ମିଳିଲେ ବାରମ୍ବାର ମନ୍ଦିର ମାଳିନୀ ସୁବର୍ଣ୍ଣପୁର ଆସିବା ପାଇଁ ଇଚ୍ଛା ହୁଏ ବୋଲି ଗଣେଶ କହିଛନ୍ତି।

## ସର୍ବଭାରତୀୟ ଲାଲ୍‌ମନି କ୍ରିକେଟ୍: ସେମିରେ ମୁମ୍ବାଇ ରକେଟ୍ ଏକାଦଶ

**ସୋନପୁର, ୨୧।୧(ସମିସ):** ସୋନପୁର ଜିଲ୍ଲା କ୍ରିକେଟ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ପଡ଼ିଆରେ ଚାଲିଥିବା ୩୬ତମ ସର୍ବଭାରତୀୟ ଲାଲମନି ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ୩ୟ ଦିବସରେ ପୂର୍ବତଟ ରେଳବାଇକୁ ହରାଇ ମୁମ୍ବାଇ ରକେଟ ଏକାଦଶ ସେମିଫାଇନାଲକୁ ପ୍ରବେଶ କରିଛି। ମୁମ୍ବାଇ ଦଳ ଟି- ଟ୍ୱେଣ୍ଟି ମ୍ୟାଚରେ ଟସ ଜିତି ରେଳବାଇ ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ଓଭର ଶେଷ ସୁଦ୍ଧା ୯ ୱିକେଟ ବିନିମୟରେ ରେଳବାଇ ଦଳ ମାତ୍ର ୯୩ ରନ କରିବାକୁ ସମର୍ଥ ହୋଇପାରିଥିଲା। ଦଳ ପକ୍ଷରୁ ରାକେଶ ମହାନ୍ତି ୨୦ ବଲରେ ୧୯ ରନ ଏବଂ ସତ୍ୟେନ ମହାନ୍ତି ୧୦ ବଲରେ ୧୦ ଏବଂ ଅମନ ସାହା ୧୮ ବଲରେ ୧୦ ରନ ସ୍କୋର କରିଥିଲେ। ମୁମ୍ବାଇ ପକ୍ଷରୁ ତସରିଫ ଖାନ ତିନୋଟି ୱିକେଟ, ରଶ୍ମିକାନ୍ତ ରଞ୍ଜନ ଏବଂ ରିକି ଶର୍ମା ୨ଟି କରି ୱିକେଟ ଅକ୍ତିଆର କରିଥିଲେ। ୯୪ ରନର ବିଜୟ ଲକ୍ଷକୁ ମୁମ୍ବାଇ ଦଳ ୧୮.୪ ଓଭରରେ ୮ ୱିକେଟ ବିନିମୟରେ ହାସଲ କରିଥିଲା। ଗୌତୁମ କୁମାର ୩୯ ବଲରେ ୩୦ ରନ, ଗୋପାଲ ୨୨ ବଲରେ ୨୬ ରନ ଏବଂ ରଣଜିତ କୁମାରଙ୍କ ୧୦ ବଲରେ ୧୦ ରନ ବଲରେ ୧୮. ୪ ଓଭର ୮ ୱିକେଟ ବିନିମୟରେ ହାସଲ କରି ନେଇଥିଲେ। ରେଳବାଇ ପକ୍ଷରୁ ସମୀର ମହାନ୍ତି, ସମ୍ବିତ ବେଜ ଦୁଇଟି ୱିକେଟ, ରାକେଶ ମହାନ୍ତି, ଜୟନ୍ତ ବେହେରା, ଅଙ୍କିତ ଯାଦବ ଗୋଟିଏ ଲେଖାଏଁ ଅକ୍ତିଆର କରିଥିଲେ। ଟି ୧୦ ମ୍ୟାଚରେ ରେଳବାଇ ଦଳ ୧୦ ଓଭରରେ ୧୨୭ ରନ ସଂଗ୍ରହ କରିଥିଲା। ମୁମ୍ବାଇ ଦଳ ୯.୫ ଓଭରରେ ୯ ଉଇକେଟ୍ ବିନିମୟରେ ୧୨୯ ରନ୍ ହାସଲ କରିଥିଲେ। ମୁମ୍ବାଇର ରଶ୍ମିକାନ୍ତ ରଞ୍ଜନ ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ବୁଧବାର ନବଜୀବନ କ୍ରିକେଟ କ୍ଲବ ଏବଂ ମୁମ୍ବାଇ ଦଳ ମଧ୍ୟରେ ପ୍ରଥମ ସେମି ଫାଇନାଲ ଅନୁଷ୍ଠିତ ହେବ।



## ଜୁନିୟର ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ବୌଦ୍ଧ, ୨୧।୧(ସମିସ): ସରସରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡ଼କ୍ରସ ଜିଲ୍ଲା ସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରେରଣାଦାୟୀ ବକ୍ତବ୍ୟ ମାଧ୍ୟମରେ ରେଡ଼କ୍ରସ ଜୁନିଅରଙ୍କୁ ସେବା କରିବାର ମନୋବୃତ୍ତି ସହିତ ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା, ସୁବର୍ଣ୍ଣପୁର ଜୁନିଅର ରେଡ଼କ୍ରସ ଅଧିକାରୀ ରବିଚନ୍ଦ୍ର ପଶାୟତ, ଜିଲ୍ଲା ଜୁନିଅର ରେଡ଼କ୍ରସ ଅଧିକାରୀ ନବ କିଶୋର ଦୀପ ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦ୍ମଜା ପତି ମଞ୍ଚାସୀନ ଥିଲେ। ପ୍ରଶିକ୍ଷଣ ଶିବିରରେ ରେଡ଼କ୍ରସ ଇତିହାସ, ଫାଷ୍ଟଏଡ଼, ଏଡ୍‌ସ, ବ୍ଲଡ଼ ଡୋନେସନ, ମୋଟିଭେସନ ଆଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଜିଲ୍ଲାର ୪୦ଟି ହାଇସ୍କୁଲରୁ ରେଡ଼କ୍ରସ କାଉନସେଲର ଓ୧୪୦ଜଣ ଜୁନିଅର ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ। ନବ କିଶୋର ଦୀପ, କୃଷ୍ଣ ଚନ୍ଦ୍ର ସେଠି, ବଲାଙ୍ଗୀରରୁ ରାମନାରାୟଣ ଦାଶ, ପ୍ରଭାକର ଛନ୍ଦ ଓ ସୁବର୍ଣପୁରରୁ ଚନ୍ଦ୍ରକାନ୍ତ ମିଶ୍ର ଏବଂ ଜିଲ୍ଲା ମୁଖ୍ୟ ଚିକତ୍ସାଳୟର ପ୍ରମୋଦ କୁମାର ମହାରଣା ସାଧନ କର୍ମୀ ଭାବେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।ଶିବିର ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ କାଉନସେଲରମାନେ ରକ୍ତଦାନ କରିଥିଲେ। ବନମାଳୀ ମେହେର ମଞ୍ଚ ପରିଚାଳନା କରିଥବା ବେଳେ ପଦ୍ମଜା ପତି ଧନ୍ୟବାଦ ଅର୍ପଣ କରିଥିଲେ।ପ୍ରଧାନଶିକ୍ଷକ ତୃପ୍ତିରଞ୍ଜନ ଦାନୀ, ଗୋପାଳ ଅମାତ, ଝସକେତନ ପ୍ରଧାନ ଓ ସରସରା ହାଇସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଚାରିଛକ, ୨୧।୧(ସମିସ):** ହରଭଙ୍ଗା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ ଶେଖର ରାଉତ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କ୍ରୀଡ଼ା ପ୍ରତଯୋଗିତାକୁ ବିଦ୍ୟାଳୟର ଖେଳ ଶିକ୍ଷକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ହରଭଙ୍ଗା ଓ ନାରାୟଣ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ସହଯୋଗ କରିଥିଲେ। ବିଦ୍ୟାଳୟର ଅଧାପିକା ସସ୍ମିତା ଧନ୍ୟବାଦ ଅର୍ପଣ କରିଥିଲେ।

## ସାଧାରଣତନ୍ତ୍ର ଦିବସ ନେଇ ପ୍ରସ୍ତୁତି

**ବୌଦ୍ଧ, ୨୧।୧(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସାଧାରଣତନ୍ତ୍ର ଦିବସ ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଅଧକ୍ଷତା କରିଥିଲେ। ଜିଲ୍ଲା ପରିଷଦ ସିଡିଓ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ପ୍ରବୀଣ ବାନୁଆ, ଡିଏସପି ଆନନ୍ଦ ଡୁଙ୍ଗଡୁଙ୍ଗ, ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି, ପ୍ରଦୀପ୍ତ ମହାନ୍ତି, ଏନଏସି ଇଓ ସ୍ୱସ୍ତିକ ଜମାଦାର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲ୍ଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି, ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ ସ୍ୱାଇଁ, ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ରୁର ଜାନି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ବୁଣାକାରଙ୍କ ପରିଚାଳନା ଦକ୍ଷତା ବୃଦ୍ଧି ତାଲିମ




**ବୌଦ୍ଧ, ୨୧।୧(ସମିସ):** ବୌଦ୍ଧ ପାକ୍ସ ପରିସରରେ ସେଣ୍ଟର ଫର୍ କୋଅପରେଟିଭ ମେନେଜମେଣ୍ଟ, ଗୋପାଳପୁର ପକ୍ଷରୁ ବୁଣାକାର ସମବାୟ ସମିତି ସମ୍ପାଦକ ଓ ପ୍ରତିନିଧିଙ୍କ ପରିଚାଳନା ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମବାୟ ୟୁନିଅନର ପରିଚାଳନା କମିଟି ସଦସ୍ୟ ତଥା ସେଣ୍ଟର ଫର୍ କୋଅପରେଟିଭ ମେନେଜମେଣ୍ଟ ଉନ୍ନୟନ ବିଭାଗ ସଦସ୍ୟ କିଶୋର କୁମାର ମେହେର ମୁଖ୍ୟଅତିଥି ଭାବରେ ଯୋଗଦେଇ ବୁଣାକାରମାନେ କିପରି ବ୍ୟାଙ୍କରୁ ଲୋନ୍ ନେଇ ସେମାନଙ୍କର କୌଳିକ ବୃତ୍ତିକୁ ଆଗେଇନେବେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସମବାୟ ସମିତି ଉପ ନିବନ୍ଧକ ହାଡିବନ୍ଧୁ ମହାଖୁଡ, ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ମୁଖ୍ୟନିର୍ବାହୀ ଅଧିକାରୀ ସ୍ମିତାଶ୍ରୀ ସାହୁ, ବୌଦ୍ଧ ପେକ୍ସ ସଭାପତି ସତ୍ୟଜିତ କୁମାର ପଣ୍ଡା, ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ବିନାୟକ ପୃଷ୍ଟି, ଅତିରିକ୍ତ ସହକାରୀ ନିବନ୍ଧକ ରଘୁନାଥ ପୂଜାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ରମେଶ ପ୍ରସାଦ ମେହେର ସଂଯୋଜନା କରିଥିଲେ। ଗୋପାଳପୁରରୁ ଆସିଥିବା ପରିଚାଳନା ସଂଯୋଜକ ତଥା ଅଧାପକ ନିରଞ୍ଜନ ମହାପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର

**ବୀରମହାରାଜପୁର, ୨୧।୧(ସମିସ):** ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ୧୧୫ ଜଣ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ନେଇଥିଲେ। ଉଦ୍‌ଯାପନୀ ସଭାରେ ଅଧକ୍ଷ ରମାକାନ୍ତ ବିଶି ଅଧକ୍ଷତା କରି ଛାତ୍ରୀମାନଙ୍କୁ ଦୈନନ୍ଦିନ ଜୀବନରେ ଆତ୍ମସୁରକ୍ଷା ତାଲିମର ପ୍ରୟୋଗ ନିମନ୍ତେ ପରାମର୍ଶ ଦେଇଥିଲେ। ଜିଲ୍ଲା ସଂଯୋଜକ ମଧୁସୂଦନ ପୂଜାହାରୀ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସ୍ଥାନୀୟ ଉଲୁଣ୍ଡା ଥାନା ଏ.ଏସ୍.ଆଇ ଗ୍ଲୋରିଆ କାଣ୍ଡୁଲାନା ମୁଖ୍ୟ ଅତିଥିଭାବରେ ଯୋଗଦେଇ ଛାତ୍ରୀମାନଙ୍କୁ ସମ୍ପ୍ରତି ଆତ୍ମରକ୍ଷାର ପ୍ରୟୋଜନୀୟତା ବିଷୟରେ ଜଣାଇବା ସହିତ ପୁଲିସ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଓଡ଼ିଆ ଅଧାପକ କୈଳାସ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଗ୍ରନ୍ଥାଗାରିକ ଶିବ ନାରାୟଣ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।



### ● ଏଇଏସ୍ କଲେଜର ବାର୍ଷିକୋତ୍ସବ

## 'ନେତୃତ୍ୱ ଲାଗି ଛାତ୍ରଛାତ୍ରୀ ନିଜକୁ ପ୍ରସ୍ତୁତ କରନ୍ତୁ'




**ତରଭା, ୨୧।୧(ସମିସ):** ଛାତ୍ରଛାତ୍ରୀ ସମସ୍ୟାକୁ ଭଲ ଭାବେ ବୁଝି ତାର ସମାଧାନର ପନ୍ଥା ନିର୍ଦ୍ଧାରଣ କରନ୍ତୁ। ଶିକ୍ଷା ଗ୍ରହଣ ପରେ ଚାକିରି ପଛରେ ନ ଗୋଡ଼ାଇ ନିଜ ଗୋଡ଼ରେ ଛିଡ଼ା ହୋଇ ଅନ୍ୟମାନଙ୍କୁ ଚାକିରି ଦେବାର ଚିନ୍ତା କରି ନେତୃତ୍ୱ ନେବାର୍ ମାନସିକତାକୁ ବିକଶିତ କରନ୍ତୁ। ପିଏମ୍‌ଇଜିପି ଯୋଜନାରେ ଏଥିପାଇଁ ସରକାର ଋଣ ଯୋଗାଇ ଦେଉଛନ୍ତି ବୋଲି ମଙ୍ଗଳବାର ତରଭା ଏଇଏସ୍ କଲେଜର ବର୍ଷିକୋତ୍ସବରେ ଅତିଥି ଭାବେ ଯୋଗଦେଇଥିବା ଷ୍ଟେଟବ୍ୟାଙ୍କ ତରଭା ଶାଖା ପରିଚାଳକ ସୁଶାନ୍ତ କୁମାର ସାହୁ ଏଭଳି କହିଥିଲେ। କଲେଜ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସୋନପୁର ଉପଜିଲ୍ଲାପାଳ ସୌମ୍ୟରୂପା ରଥ ମୁଖ୍ୟ ଅତିଥି, ଏଇଏସ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋପାଳ ଚରଣ ମିଶ୍ର ମୁଖ୍ୟବକ୍ତା, ପ୍ରାଧ୍ୟାପକ ଅନୋଜ ଭୁକ୍ତା ଓ ୟୁନିଅନ ଆଡଭାଇଜର ଅଧ୍ୟାପକ ଦେବାଶିଷ ଶତପଥୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।ଛାତ୍ରୀ ଚୁମିକି ତାଣ୍ଡି, ସବା ଫିରଦୌସ, ଜ୍ୟୋତ୍ସ୍ନା କୁମ୍ଭାର, ଗୀତାଞ୍ଜଳି ଭୁଏ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।ଏଥିରେ ବେତାର ଶିଳ୍ପୀ ଶ୍ୟାମ ସୁନ୍ଦର ସାହୁ, ବିକ୍ରମ ସାହୁ, ଦୁଃଖିଶ୍ୟାମ ବାବୁ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ।ଅଧ୍ୟକ୍ଷ ଶ୍ରୀ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ ଓ ଅଧ୍ୟାପକ ଶ୍ରୀ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ।ଏହି ଅବସରରେ କଳାକାର ଶ୍ୟାମସୁନ୍ଦର ସାହୁ, ବିକ୍ରମ ସାହୁ, ଦୁଃଖିଶ୍ୟାମ ବାବୁଙ୍କୁ ସମ୍ମାନିତ କରାଯାଇଥିଲା। କୋଶଳୀ ଭାଷାର ପ୍ରଚାର ପ୍ରସାରରେ ଉଲ୍ଲେଖନୀୟ ଅବଦାନ ଯୋଗୁଁ କଲେଜର ଗ୍ରନ୍ଥାଗାରିକ ଦେବେନ୍ଦ୍ର କୁମାର ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଗ୍ରନ୍ଥାଗାରିକ ଶ୍ରୀ ନାଏକ ମଞ୍ଚ ପରିଚାଳନ କରିଥିବାବେଳେ ପ୍ରାଧ୍ୟାପକ ଶ୍ରୀ ଭୁକ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ପୁନାରେ ପ୍ରବାସୀ ଓଡ଼ିଆଙ୍କ ପୁଷ୍‌ପୁନି ଭେଟ୍‌ଘାଟ୍

**ମନମୁଣ୍ଡା, ୨୧।୧(ସମିସ):**

ମହାରାଷ୍ଟ୍ର ପୁନା ସହରରେ ବସବାସ କରୁଥିବା ପ୍ରବାସୀ ଓଡିଆମାନଙ୍କ ପଞ୍ଜୀକୃତ ଭେଟଘାଟ କଲ୍‌ଚରାଲ ଏସୋସିଏସନ୍(ବିସିଏ)ତରଫରୁ ପୁନେର ଜୁନିଅର ଷ୍ଟାଫ କ୍ଲବ୍ ଖଡକି ଠାରେ ପୁଷ୍‌ପୁନି ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ହେମ ସାଗର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭ ପୁନାରେ ସଭ୍ୟା ରାଜଶ୍ରୀ ହୋତା ଭଜନ ଗାନ କରି ଶୁଭାରମ୍ଭ କରି ଥିଲେ। ନୂଆଖାଇ ଭଳି ପୁଷପୁନି ଏକ କୃଷିଭିତ୍ତିକ ପର୍ବଏହା ଆମ ସଂସ୍କୃତି ଓ ପରମ୍ପରାକୁ ସଂଗଠିତ କରିବାରେ ମୁଖ୍ୟଭୂମିକା ଗ୍ରହଣ କରିଥାଏ, ଆମେ ପ୍ରବାସୀ ଓଡ଼ିଆମାନେ ଏହାଦ୍ୱାରା ଏକତ୍ରିତ ହୋଇ ଓଡ଼ିଶାର ଅସ୍ମିତା ବଜାୟ ରଖିବା ସହ ରାଜ୍ୟର ବିକାଶ ପାଇଁ ଚିନ୍ତା କରିବା ଓ ଯୋଜନା ପ୍ରସ୍ତୁତ କରିବାରେ ବଡ ସହାୟକ ହୋଇଥାଏ ବୋଲି ମତ ପ୍ରକାଶ ପାଇଛି।ପଶ୍ଚିମ ଓଡ଼ିଶାରେ ପୌଷ ପୂର୍ଣ୍ଣିମା ଦିନ'ପୁଷପୁନି' ପାଳନ କରାଯାଇଥାଏ। ଚାଷୀମାନେ ଫସଲ ଅମଳ କରି ଆସ୍ୱସ୍ଥ ଅନୁଭବ କରି ବିଭିନ୍ନ ପ୍ରକାରର ପିଠା, ମଣ୍ଡା, କାକରା ଓ ଅନେକ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ଖାଇ ନାଚ, ଗୀତ କରି ଖୁସି ମନାଇ ଥାନ୍ତି ଓ ପଡୋଶୀଙ୍କୁ ବାଣ୍ଟି ଭାଇଚାରାର ବାର୍ତ୍ତା ଦେଇଥାନ୍ତି। କାର୍ଯ୍ୟକ୍ରମରେ ୩ଶହରୁ ଉର୍ଦ୍ଧ୍ୱ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ନାଚଗୀତର ବେଶ୍ ଆସର କରିଥିଲ।ଜୟପୁର (କୋରାପୁଟ)ନିବାସୀ ଖ୍ୟାତନାମା ପାଚକ ସୁଜିତ ହୋତାଙ୍କ ଦ୍ୱାରା ପ୍ରସ୍ତୁତ ପଶ୍ଚିମ ଓଡ଼ିଶାର ସୁସ୍ୱାଦୁ ଖାଦ୍ୟ ଖାଇଥିଲେ ଏବଂ ସମସ୍ତ ପ୍ରବାସୀ ଆବାଳ ବୃଦ୍ଧ ବନିତା ଏକତ୍ରିତ ହୋଇ ନାଚ, ଗୀତ କରିଥିଲେ।ସମ୍ବଲପୁରୀ ବାଦ୍ୟ ଓ ନାଚ ଉପସ୍ଥିତ ଅତିଥି ଓ ପୁନେବାସିଙ୍କୁ ବାନ୍ଧି ରଖିଥିଲ।ବିସିଏ ସବୁବେଳେ ଓଡ଼ିଶାର ଅସ୍ମିତା ବଜାୟ ରଖି ବିଭିନ୍ନ ପର୍ବ ପାଳନ ସହ ସମାଜ ସେବା କରି ଆସୁଥିବାରୁ ଅନୁପ ମିଶ୍ର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଅନେକ ପ୍ରବାସୀ ଓ ପୁନାବାସୀଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବ୍ୟକିଶୋର୍ ବକ୍ସି ଓ ସଞ୍ଜୟ ମହାନ୍ତି ଉପସ୍ଥିତ ସମସ୍ତ ଦର୍ଶକଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।



